## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଗାର୍ଗୀ ଶତପଥୀଙ୍କ ପୁସ୍ତକ ଦ୍ୱିତୀୟ ଶ୍ରେଣୀ ନାଗରିକ ପାଠକାର୍ପଣ ଉତ୍ସବ,ଲୋହିଆ ଏକାଡେମୀ, ଅପରାହ୍ନ ୫ଟା।
- ୧୧ତମ ଗୋଟିପୁଅ ଉତ୍ସବ ଆରାଧନା ସମ୍ମାନ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୩୦।

## ୧୧ରୁ ଗୀତାଜ୍ଞାନ ଯଜ୍ଞ



**ଭୁବନେଶ୍ୱର, ୯।୧(ଅସମାପିକା ସାହୁ):** ପ୍ରଜ୍ଞାନ ମିଶନ ଭୁବନେଶ୍ୱର ଆନୁକୂଲ୍ୟରେ ଆସନ୍ତା ୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ ଡମଣା ଛକ ନିକଟ ବିଏମ୍‌ସି କଲ୍ୟାଣ ମଣ୍ଡପରେ ଗୀତା ଜ୍ଞାନ ଯଜ୍ଞ ଅନୁଷ୍ଠିତ ହେବ। ଏହି ସତ୍‌ସଙ୍ଗରେ ଗୁରୁଜୀ ପରମହଂସ ପ୍ରଜ୍ଞାନାନନ୍ଦଜୀ ଶ୍ରୀମଦ୍ ଭଗବତ ଗୀତାର ଚତୁର୍ଥ ଅଧ୍ୟାୟ ଜ୍ଞାନ, କର୍ମ ଓ ସନ୍ୟାସ ଯୋଗ ଉପରେ ଆଶୀର୍ବଚନ ପ୍ରଦାନ କରିବେ। ଅପରାହ୍ନ ୫ଟା ୩୦ରୁ ୬ଟା ୩୦ ପର୍ଯ୍ୟନ୍ତ ଭକ୍ତି ସଙ୍ଗୀତ କାର୍ଯ୍ୟକ୍ରମ ଓ ୬ଟା ୩୦ରୁ ୮ଟା ୩୦ ପର୍ଯ୍ୟନ୍ତ ସତ୍‌ସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୧୨ତାରିଖ ସକାଳ ୮ଟାରେ ବିଏମ୍‌ସି କଲ୍ୟାଣ ମଣ୍ଡପଠାରେ କ୍ରିୟା ଯୋଗ ଦୀକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ପ୍ରଜ୍ଞାନ ମିଶନର ବରିଷ୍ଠ ସନ୍ଥ ସ୍ୱାମୀ ସମର୍ପଣାନନ୍ଦ ଗିରି ସୂଚନା ଦେଇଛନ୍ତି। ମଙ୍ଗଳବାର ଲୋହିଆ ଏକାଡେମୀଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ମାନବ କଲ୍ୟାଣ ଉଦ୍ଦେଶ୍ୟରେ ପ୍ରଜ୍ଞାନ ମିଶନ ୧୯୯୧ରୁ ସାରା ପୃଥିବୀରେ କାର୍ଯ୍ୟରତ ଏବଂ ଏହା ୧୯୯୯ରୁ ପଞ୍ଜୀକୃତ। ଗୀତାଜ୍ଞାନ ଯଜ୍ଞ ପ୍ରଜ୍ଞାନ ମିଶନର ଆଧ୍ୟାତ୍ମିକ କାର୍ଯ୍ୟକ୍ରମର ଏକ ଅଂଶବିଶେଷ।

## ସୁସ୍ଥ ସମାଜ ଗଠନରେ ବ୍ରତୀ ହେବାକୁ ପରାମର୍ଶ

**ଭୁବନେଶ୍ୱର, ୯।୧(ଅସମାପିକା ସାହୁ):** ଏସ୍.ପି. ଉଚ୍ଚ ମାଧ୍ୟମିକ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ଅଧକ୍ଷ ସୁଶାନ୍ତ କୁମାର ପରିଡ଼ାଙ୍କ ପୌରାହିତ୍ୟ କରିଥିଲେ। ଛାତ୍ରୀଛାତ୍ରଙ୍କୁ କ୍ରୀଡ଼ା ଓ ଯୋଗରେ ସାମିଲ ହୋଇ ଗୋଟିଏ ସୁସ୍ଥ ସମାଜ ଗଠନରେ ବ୍ରତୀ ହେବା ପାଇଁ ଅଧକ୍ଷ ପରିଡ଼ା ଉପଦେଶ ଦେଇଥିଲେ। ଏହି କ୍ରୀଡ଼ା ଉତ୍ସବରେ ଅନୁଷ୍ଠାନର ଟ୍ରଷ୍ଟି ସୁସରୀତା ବାରିକ, ନିର୍ଦ୍ଦେଶକ ସସ୍ମିତ ରଞ୍ଜନ ବାରିକ, ଅଶ୍ୱିନୀ କୁମାର ମହାପାତ୍ର, ପ୍ରବୀର କୁମାର ପଟ୍ଟନାୟକ, ଅଂଶୁମାନ ଜେନା, ଦେବାଶିଷ ମହାକୁଡ଼, ପ୍ରସିତ୍ୟାଦିତ୍ୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଖେଳ ପରିଚାଳନାରେ ଶିକ୍ଷୟିତ୍ରୀ ସୁଚି, ସସ୍ମିତା, ସୌମ୍ୟା, ମଧୁ, ପ୍ରଜ୍ଞା ସହଯୋଗ କରିଥିଲେ।

# ନୟାଗଡ଼ର କୋଟିପତି ଏମ୍‌ଭିଆଇଙ୍କ ୩୧ ପ୍ଲଟ୍

ନୟାଗଡ଼,(ଲୋକନାଥ ମିଶ୍ର)/ଭୁବନେଶ୍ୱର, ୯।୧(ସତ୍ୟଜିତ୍ ରାଉତ)

### ଭିଜିଲାନ୍ସ ଜାଲରେ ଫସିଲେ, ୭ସ୍ଥାନରେ ଚଢ଼ାଉ

- ଘରୁ ବାହାରିଲା ୧୫ ଲକ୍ଷ ଟଙ୍କା, ବିପୁଳ ସୁନା ଅଳଙ୍କାର
- ମିଳିଲାଣି ୫କୋଟି ଟଙ୍କାର ସମ୍ପତ୍ତି, ଚଢ଼ାଉ ଜାରି

ରାଜ୍ୟରେ ପୁଣି ଜଣେ କୋଟିପତି ସରକାରୀ ଅଧିକାରୀ ଭିଜିଲାନ୍ସ ଜାଲରେ ଧରାପଡ଼ିଛନ୍ତି। ସେ ହେଲେ ନୟାଗଡ଼ ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆର୍‌ଟିଓ)ରେ କାର୍ଯ୍ୟରତ ମୋଟର ଭେଇକିଲ୍ ଇନ୍ସପେକ୍ଟର (ଏମ୍‌ଭିଆଇ) ପଞ୍ଚାନନ ବେହେରା। ତାଙ୍କର ଭୁବନେଶ୍ୱରର ପ୍ରମୁଖ ଅଞ୍ଚଳରେ ୩୧ଟି ପ୍ଲଟ୍ ଠାବ ହେବା ପରେ ଏହାକୁ ନେଇ ଅଧିକ ଚର୍ଚ୍ଚା ଲାଗି ରହିଛି। ପଞ୍ଚାନନଙ୍କ ବିରୋଧରେ ବାରମ୍ବାର ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ଆସିଥିଲା। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ଦ୍ୱାରା ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ମଙ୍ଗଳବାର ଭିଜିଲାନ୍ସ ପକ୍ଷରୁ ପଞ୍ଚାନନଙ୍କ ଘର ସମେତ ଭୁବନେଶ୍ୱର, ଖୋର୍ଦ୍ଧା, କଟକ ଓ ନୟାଗଡ଼ର ୭ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଉଛି। ଏହି ଚଢ଼ାଉରେ ଭିଜିଲାନ୍ସର ୭ଟି ଟିମ୍‌ରେ ୬ଜଣ ଡିଏସ୍‌ପି, ୩ ଇନ୍ସପେକ୍ଟର, ୮ ଏଏସ୍‌ଆଇ ଓ ଅନ୍ୟ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଯାଞ୍ଚ ଜାରି ରହିଥିବା ସ୍ଥାନଗୁଡ଼ିକ ମଧ୍ୟରେ ପଞ୍ଚାନନଙ୍କ ନୟାଗଡ଼ସ୍ଥିତ ଭଡ଼ାଘର, କଟକ ଜିଲା ସାଲେପୁର ବାଲିପଡ଼ା ଗ୍ରାମସ୍ଥିତ ପୈତୃକ ଘର, ଖୋର୍ଦ୍ଧା ଜିଲା ନୀଳଗିରିପାଟଣା ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମସ୍ଥିତ ସମ୍ପର୍କୀୟଙ୍କ ଘର, ଭୁବନେଶ୍ୱର ସତ୍ୟବିହାରସ୍ଥିତ ଅନ୍ୟଜଣେ ସମ୍ପର୍କୀୟଙ୍କ ଘର ଓ ନୟାଗଡ଼ ଆର୍‌ଟିଓ ଅଫିସ୍ ଚାମ୍ବର ଆଦି ରହିଛି। ଏହି ଚଢ଼ାଉରେ ଭିଜିଲାନ୍ସ ଟିମ୍ ପଞ୍ଚାନନଙ୍କ ବହୁ କୋଟିର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରିଥିବା ସୂଚନା ମିଳିଛି।


ପଞ୍ଚାନନ ବେହେରା

ଭିଜିଲାନ୍ସ ପକ୍ଷରୁ ସନ୍ଧ୍ୟା ସୁଦ୍ଧା ମିଳିଥିବା ରିପୋର୍ଟ ଅନୁସାରେ, ପଞ୍ଚାନନଙ୍କ ଭୁବନେଶ୍ୱର ଶୈଳଶ୍ରୀ ବିହାରରେ ୩ ହଜାର ବର୍ଗଫୁଟରେ ଥିବା ଦୁଇ ମହଲା କୋଠା ଓ ପାଣ୍ଡରା ସତ୍ୟବିହାରସ୍ଥିତ ୨୪ଶହ ବର୍ଗଫୁଟ୍‌ରେ ଥିବା ଗୋଟିଏ ଏକ ମହଲା କୋଠା ଠାବ ହୋଇଛି। ତେବେ ଠାବ ହୋଇଥିବା ୩୧ଟି ପ୍ଲଟ୍‌ରୁ ୧୦ଟି ବେନାମି ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଏସବୁ ଫ୍ଲାଟ୍ ଓ ପ୍ଲଟଗୁଡ଼ିକର ପ୍ରକୃତ ମୂଲ୍ୟ ଜାଣିବାକୁ ଭିଜିଲାନ୍ସର ଟେକ୍ନିକାଲ ୱିଙ୍ଗ୍ ଅଧିକ ଯାଞ୍ଚ କରୁଛି। ସେହିପରି ପଞ୍ଚାନନଙ୍କ ନିକଟରୁ ୭୨.୮୦ ଲକ୍ଷ ଟଙ୍କାର ବ୍ୟାଙ୍କ ଓ ଜୀବନବୀମା ଜମା, ୧୫ ଲକ୍ଷର ନଗଦ ଟଙ୍କା, ସୁନା ଅଳଙ୍କାର ଓ ଘରୋଇ ସାମଗ୍ରୀ, ଗୋଟିଏ ଚାରିଚକିଆ ଯାନ ଓ ୩ଟି ବାଇକ ସମେତ ୪ ବେନାମି ଗାଡ଼ି ଠାବ ହୋଇଛି। ଅନ୍ୟପକ୍ଷରେ ପଞ୍ଚାନନ ତାଙ୍କ ପୁଅକୁ ଏମ୍‌ବିବିଏସ୍ ପଢ଼ାଇବା ପାଇଁ ୫୦ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ଠାବ ହୋଇଥିବା ସମ୍ପତ୍ତି ୫କୋଟିରୁ ଅଧିକ ହେବ ବୋଲି ଅନୁମାନ କରାଯାଉଛି। ସମ୍ପତ୍ତି ସଂକ୍ରାନ୍ତରେ ପଞ୍ଚାନନଙ୍କୁ ଅଧିକ ପଚରାଉଚରା କରାଯାଉଛି। ଚଢ଼ାଉ ଜାରି ରହିଥିବାରୁ ଆଗକୁ ଅଧିକ ସମ୍ପତ୍ତି ଠାବ ହୋଇପାରେ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ବୁଧବାର ପଞ୍ଚାନନଙ୍କ ବିରୋଧରେ ମାମଲା ରୁଜୁ କରି ଭିଜିଲାନ୍ସ ତାଙ୍କୁ ଗିରଫ କରିପାରେ ବୋଲି ସୂଚନା ମିଳିଛି।

## ବିଏମ୍‌ସି ଅଞ୍ଚଳର ଆଉ ୮ ୱାର୍ଡରେ ଗଡ଼ିଲା ଅର୍ପଣ ରଥ


ମେୟର, ବିଧାୟକଙ୍କ ଉପସ୍ଥିତିରେ ମହିଳାମାନେ ଗୁଆ, ଚାଉଳ ଅର୍ପଣ କରୁଛନ୍ତି।

ଭୁବନେଶ୍ୱର, ୯।୧ (ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମାଞ୍ଚଳ (ବିଏମ୍‌ସି)ର ଆଉ ୮ଟି ୱାର୍ଡରେ ମଙ୍ଗଳବାର ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଅର୍ପଣ ରଥ ଗଡିଛି। ଭାବ ଓ ଭକ୍ତିମୟ ପରିବେଶରେ ନାମ ସଂକୀର୍ତ୍ତନ, ହରିବୋଲ ହୁଳହୁଳି ସାଙ୍ଗକୁ ଜୟ ଜଗନ୍ନାଥ ଧ୍ୱନୀରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇ ଉଠିଥିଲା। ସାଉଥ-ୱେଷ୍ଟ ଜୋନ୍‌ର ୱାର୍ଡ ନଂ. ୨୨ ଓ ୫୧ ପରିକ୍ରମା କରିଥିବାବେଳେ, ଉତ୍ତର-ପୂର୍ବ ଜୋନ୍‌ର ୱାର୍ଡ ନଂ. ୪୪, ୩୦, ୩୧, ୬୧, ୫୭ ଓ ୬୭ ଆଦି ମୋଟ ୮ଟି ୱାର୍ଡ ପରିକ୍ରମା କରିଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ କର୍ପୋରେଟରମାନେ ଉପସ୍ଥିତ ରହି ଏହି ରଥ ପରିକ୍ରମାକୁ ସୂଚାରୁ ରୂପେ ପରିଚାଳନା କରିଥିଲେ। ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାସ, କମିଶନର ବିଜୟ ଅମୃତା କୁଲାଙ୍ଗେ ଏବଂ ବିଏମ୍‌ସିର ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଅର୍ପଣ ରଥ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ମହାନଗର ନିଗମାଞ୍ଚଳରେ ପରିକ୍ରମା କରିବାର କାର୍ଯ୍ୟକ୍ରମ ରହିଛି।



ୱାର୍ଲ୍ଡ ଏସିଡିଟି ଡେ' ଅବସରରେ ମଙ୍ଗଳବାର ବାଲୁକାଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକାକଳା ନିକଟରେ ଉପସ୍ଥିତ ଅତିଥିବୃନ୍ଦ।

## ଝିଅର ଅନ୍ତିମ ସଂସ୍କାରରେ ଦୃଷ୍ଟିହୀନ ମା'ଙ୍କୁ ସହାୟତା କଲା ଓଡ଼ିଶା ମୋ ପରିବାର

ଭୁବନେଶ୍ୱର, ୯।୧(ଅସମାପିକା ସାହୁ)

ଦଶପଲ୍ଲା ଅଞ୍ଚଳର ମଞ୍ଚ କଳାକାର ୩୮ ବର୍ଷୀୟା ରାମାମଣି ଦାସ ବସ୍ ଯୋଗେ ନୟାଗଡ଼ ଅଭିମୁଖେ ଯାଉଥିବାବେଳେ ହଠାତ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ସହକଳାକାରମାନେ ନିକଟସ୍ଥ ଡାକ୍ତରଖାନାକୁ ନେଇଥିଲେ। ସେଠାରୁ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ପକ୍ଷାଘାତରେ ଆକ୍ରାନ୍ତ ଥିବା ଅନ୍ଧୁଣୀ ମା'କୁ ଛାଡ଼ିଦେଲେ ତାଙ୍କର ଆଉ କେହି ନାହାନ୍ତି। ରାମାମଣି ହିଁ ଏକମାତ୍ର ରୋଜଗାରକ୍ଷମ ସଦସ୍ୟ ଥିଲେ ଓ ସ୍ୱଳ୍ପ ରୋଜଗାର କରି ମା'ର ଚିକିତ୍ସା କରୁଥିଲେ। ଶେଷକୃତ୍ୟ ନିମନ୍ତେ ମୃତଦେହକୁ ଡାକ୍ତରଖାନାରୁ ଦଶପଲ୍ଲାସ୍ଥିତ ନିଜ ବାସଭବନ ନେବାକୁ ତାଙ୍କ ମା' ସମ୍ପୂର୍ଣ୍ଣ ଅସହାୟ ହୋଇପଡ଼ିଥିଲେ। ଏ ସମ୍ପର୍କରେ ବିଜେଡି ସାଂସ୍କୃତିକ ସଂଯୋଜକ ପ୍ରବୀର ମହାନ୍ତି ଜାଣିବା ପରେ ଓଡ଼ିଶା-ମୋ ପରିବାର ଯୁଗ୍ମ ସମ୍ପାଦକ ରୁଦ୍ର ନାରାୟଣ ସାମନ୍ତରାୟଙ୍କୁ ଜଣାଇଥିଲେ। ଏହାପରେ ମୃତଦେହକୁ ମହାପ୍ରୟାଣ ଗାଡ଼ିରେ ତାଙ୍କ ବାସଭବନକୁ ପଠାଯାଇଥିଲା।

# ରାଜଧାନୀର ଏକଷଷ୍ଠାଂଶ ପରିବାର ଭୂମିହୀନ

### ଓଡ଼ିଶା ନଗର ସମ୍ମିଳନୀ

ଭୁବନେଶ୍ୱର, ୯।୧ (ବନ୍ଦନା ସେଠୀ)

ସହଭାଗୀ ବିକାଶ ମଞ୍ଚ, ଏକତା ପରିଷଦ, ଭୁବନେଶ୍ୱର ବସ୍ତି ଉନ୍ନୟନ ପରିଷଦ ଓ ଅଣସଂଗଠିତ ଶ୍ରମିକ ମଞ୍ଚର ମିଳିତ ଆନୁକୁଲ୍ୟରେ ଓଡିଶା ନଗର ସମ୍ମିଳନୀ ମଙ୍ଗଳବାର ସୂଚନା ଭବନରେ ଅନୁଷ୍ଠିତ ହୋଇଯାଇଛି। ସହଭାଗୀ ବିକାଶ ମଞ୍ଚ ଆବାହକ ସଚ୍ଚିକାନ୍ତ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ 'ସମାବେଶୀ ସହର ଓ ସ୍ଥାୟୀ ସହରୀ ଅର୍ଥନୀତି' ଉପରେ ଆଲୋଚନା କରାଯାଇଥିଲା। ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ, ସର୍ବନିମ୍ନ ୬୦୦ ବର୍ଗଫୁଟ ଜମି ପ୍ରଦାନ କଲେ ବସ୍ତି ବାସିନ୍ଦା ସମ୍ମାନର ସହ ବସବାସ କରିପାରିବେ ବୋଲି କହିଥିଲେ। ଏଥିପାଇଁ ଆଞ୍ଚଳିକ ସ୍ତରରେ ସେମାନଙ୍କ ଜୀବିକା ଅନୁକୂଳ ଯୋଜନା ପ୍ରସ୍ତୁତ କରିପାରିଲେ ସହରର ଦୀର୍ଘସ୍ଥାୟୀ ବିକାଶ ସମ୍ଭବ ହୋଇପାରିବ ସେ ମତ ଦେଇଥିଲେ। ଭାଷାବିତ ତଥା



ଓଡ଼ିଶା ନଗର ସମ୍ମିଳନୀରେ ଯୋଗଦେଇଥିବା ଅତିଥିମାନେ। (ଫଟୋ- ବିକାଶ ନାୟକ)

ସାମାଜିକକର୍ମୀ ଡ. ସୁବ୍ରତ ପୃଷ୍ଟି କହିଲେ, ଓଡିଶାରେ ବାସ କରୁଥିବା ପ୍ରତ୍ୟେକ ଓଡିଆ ପ୍ରାୟ ୨ଲକ୍ଷ କୋଟି ଟଙ୍କାର ଖଣିଜ ସମ୍ପତ୍ତି ମାଲିକ ହୋଇଥିଲେ ସୁଦ୍ଧା ରାଜଧାନୀର ଏକ ଷଷ୍ଠାଂଶ ପରିବାର ଭୂମିହୀନ ଭାବରେ ବାସ କରୁଛନ୍ତି। ଏହା ଗୋଟିଏ ଶକ୍ତିଶାଳୀ ଜାତିର ଅଧଃପତନକୁ ପ୍ରମାଣିତ କରୁଛି ବୋଲି କହିଥିଲେ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ରାଜ୍ୟ ଉପଦେଷ୍ଟା ନିବେଦିତା ନାୟକ ଯୋଗଦେଇ, ରାଜ୍ୟ ସରକାର ବହୁମୁଖୀ ବିକାଶ ଯୋଜନାକୁ ଗୁରୁତ୍ୱ ଦେଉଥିବାବେଳେ ବସ୍ତିବାସିନ୍ଦାଙ୍କ ସମ୍ମାନ ଓ ସୁରକ୍ଷାପାଇଁ ସରକାର ସର୍ବଦା ଜାଗ୍ରତ ଥିବା କହିଥିଲେ। ଜାଗା ମିଶନ କାର୍ଯ୍ୟକ୍ରମରେ ଯେଉଁସବୁ ତ୍ରୁଟି ରହିଛି, ସେସବୁ ସରକାରଙ୍କ ନିକଟରେ ଉପସ୍ଥାପିତ କରିପାରିଲେ ତାହାର ସମାଧାନ ନିଶ୍ଚିତ ହେବ ବୋଲି ଆଶ୍ୱାସନା ଦେଇଥିଲେ। ଏକତା ପରିଷଦର ରାଜ୍ୟ ଆବାହକ ବିଜୟ ପ୍ରଧାନ କହିଲେ, ପ୍ରତ୍ୟେକ ଓଡିଆ ମୁଣ୍ଡ ପିଛା ୩୦୦ ଘନଫୁଟ ଭୂମିର ମାଲିକ ଥିବାବେଳେ ଜାଗାମିଶନ ମାଧ୍ୟମରେ ସର୍ବନିମ୍ନ ୯ ଫୁଟ ଜମି ପ୍ରଦାନ କରିବା ଅତ୍ୟନ୍ତ ହାସ୍ୟାସ୍ପଦ। ସେହିପରି କେତେକ ଖଳ ପ୍ରକୃତିର ଅଧିକାରୀଙ୍କ ପାଇଁ ରାଜ୍ୟ ସରକାରଙ୍କ ଏକ ଭଲ ଯୋଜନା ବିଫଳ ହେବାକୁ ଯାଉଛି ବୋଲି କହି ସେ କ୍ଷୋଭ ପ୍ରକାଶ କରିଥିଲେ। ସମ୍ମିଳନୀରେ ସମାନୁପାତିକ ଜମି ଅଧିକାର ଓ ସ୍ଥାୟୀ ବାସଗୃହ, ଜନଭାଗିଦାରୀ ଭିତ୍ତିକ ପ୍ରଶାସନିକ ବ୍ୟବସ୍ଥା ଓ ଉତ୍ତର ଦାୟିତ୍ୱ, ବେକାରି, ଜୀବିକା, ସାମାଜିକ ସୁରକ୍ଷା, ନଗରଜୀବନରେ ପରିବେଶ ପରିବର୍ତ୍ତନର ପ୍ରଭାବ ଆଦି ଉପରେ ଆଲୋଚନା କରାଯାଇଥିଲା। ବସ୍ତି ଉନ୍ନୟନ ପରିଷଦ ସଭାପତି ରଞ୍ଜୁଲତା ମହାପାତ୍ର, ଶ୍ରମିକ ନେତା ମହେନ୍ଦ୍ର ପରିଡା, ବୀରେନ୍ଦ୍ର ଦାସ, ସଦାଶିବ ସ୍ୱାଇଁ, ପ୍ରଶାନ୍ତ କୁମାର ବେହେରା ପ୍ରମୁଖ ଯୋଗଦେଇ ନଗର ଜୀବନର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ।

## ୩ ଧାନମଣ୍ଡି ଉଦ୍‌ଘାଟିତ

ବାଲିଅନ୍ତା,୯।୧(ନୀଳମାଧବ ସାହୁ)

ବାଲିଅନ୍ତା ବ୍ଲକର ଚାଷୀଙ୍କଠାରୁ ଧାନକିଣା ପ୍ରକ୍ରିୟା ଆରମ୍ଭ ହୋଇଛି। ମଙ୍ଗଳବାର ୩ଟି ସ୍ଥାନରେ ଧାନମଣ୍ଡି ଖୋଲାଯାଇଛି। ପାହାଳ ସେବା ସମବାୟ ସମିତି ପକ୍ଷରୁ ପ୍ରଥମ ମଣ୍ଡି ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଉତ୍ସବରେ ଏଆର୍‌ସିଏସ୍‌ର ଏରିଆ ଅଫିସର ଅମିୟ ଖୁଣ୍ଟିଆ, ସମିତି ସଭାପତି ପ୍ରଶାନ୍ତ ଦାସ, ସମ୍ପାଦକ ସରୋଜ ରଥ, ଡାଇରେକ୍ଟର ପଦ୍ମନାଭ ପଟ୍ଟନାୟକଙ୍କ ସମେତ ବହୁ ଚାଷୀ କମିଟିର କର୍ମକର୍ତ୍ତା ଯୋଗଦେଇଥିଲେ। ସେହିପରି ବଇରୁଆଁ ସେବା ସମବାୟ ସମିତି ପକ୍ଷରୁ ଭେଲୁରି ହାଟ ପରିସରରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ସ୍ଥାନୀୟ ପଞ୍ଚାୟତର ଲୋକପ୍ରତିନିଧିଙ୍କ ସମେତ ସମିତି ସଭାପତି ବେଣୁଧର ପରିଡ଼ା ଓ ସମ୍ପାଦକ ଦେବେନ୍ଦ୍ର ପୃଷ୍ଟି ଉପସ୍ଥିତ ଥିଲେ। ସେହିପରି ବାଲିଅନ୍ତା ସେବା ସମବାୟ ସମିତି ପକ୍ଷରୁ ମଣ୍ଡି ଖୋଲାଯାଇ ଚାଷୀଙ୍କ ଠାରୁ ଧାନ କିଣା ଯାଇଥିଲା। ଏଥିରେ ସମିତି ସଭାପତି ଧୀରେନ କର ଓ ସମ୍ପାଦକ ମହେନ୍ଦ୍ର ସାହୁଙ୍କ ସମେତ ବହୁ ଅତିଥି ଯୋଗଦେଇଥିଲେ।


ପାହାଳ ସେବା ସମବାୟ ପକ୍ଷରୁ ଧାନମଣ୍ଡି ଉଦ୍‌ଘାଟନ କରାଯାଉଛି।

## ମହିଳାଙ୍କ ନାଁରେ ନୟାପଲ୍ଲୀ ଥାନାରେ ଏତଲା

ଭୁବନେଶ୍ୱର,୯।୧(ସତ୍ୟଜିତ୍ ରାଉତ)

### ଅନ୍‌ଲାଇନ୍ କ୍ୟାବ ଡ୍ରାଇଭରଙ୍କୁ ଠକେଇ

ଅନ୍‌ଲାଇନ୍ କ୍ୟାବ୍ ଡ୍ରାଇଭରମାନଙ୍କୁ ଜଣେ ମହିଳା ଠକିଥିବା ନୟାପଲ୍ଲୀ ଥାନାରେ ମଙ୍ଗଳବାର ଅଭିଯୋଗ ହୋଇଛି। ଏଥିସହ କ୍ୟାବ୍ ଡ୍ରାଇଭରମାନେ ସମ୍ପୃକ୍ତ ମହିଳାଙ୍କୁ ଧରି ଥାନା ଜିମା ଦେଇଥିଲେ। ତେବେ ପୋଲିସ ତାଙ୍କୁ ପଚରାଉଚରା କରି ଛାଡ଼ି ଦେଇଥିବା ସୂଚନା ମିଳିଛି। ସୋମନାଥ ବେହେରା ନାମକ ଜଣେ ଡ୍ରାଇଭରଙ୍କ କାର୍‌ରେ ମହିଳା ଜଣକ ବୁଲିବାକୁ ଯାଇ ୩ ହଜାର ୫୦୦ ଟଙ୍କା ଦେଇ ନ ଥିବା ଅଭିଯୋଗ ହୋଇଛି। ଏପକିି ଅନ୍ୟ କେତେଜଣଙ୍କ କାର୍‌ରେ ବୁଲାବୁଲି କରି ମହିଳା ଜଣଙ୍କ ଠକିଥିବା ଡ୍ରାଇଭରମାନେ କହିଛନ୍ତି। ମହିଳା ଜଣକ ଇଣ୍ଡିଆନ୍ ଅଏଲ୍ କର୍ପୋରେଶନ ଲିଃର ପ୍ରୋଜେକ୍ଟ ହେଡ୍ ବୋଲି ଦାବି କରିଛନ୍ତି। ନୟାପଲ୍ଲୀ ଥାନାରେ ଏହାକୁ ନେଇ ଅପରାହ୍ନରେ କିଛି ସମୟ ଡ୍ରାଇଭରଙ୍କ ଗହଳି ଦେଖିବାକୁ ମିଳିଥିଲା। ଏତଲାକୁ ଭିତ୍ତି କରି ତଦନ୍ତ କରାଯାଉଥିବା ଥାନାଧିକାରୀ ସତ୍ୟରଞ୍ଜନ ପ୍ରଧାନ କହିଛନ୍ତି।



ମୃଦୁଗୁଞ୍ଜନ ପକ୍ଷରୁ ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ 'ସପ୍ତରଙ୍ଗ'ରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି। (ଫଟୋ-ମୌସମ ନନ୍ଦ)

# ରାଷ୍ଟ୍ର, ପର୍ଯ୍ୟଟନ ବିକାଶରେ ଗଣମାଧ୍ୟମ ଭୂମିକା ଗୁରୁତ୍ୱପୂର୍ଣ୍ଣ

### 'ଦିଲୀପ ରାୟ ସଫଳତାର ନୀରବ ନାୟକ'

ଭୁବନେଶ୍ୱର,୯।୧(ଶର୍ମିଷ୍ଠା ପାଣିଗ୍ରାହୀ)

ପର୍ଯ୍ୟଟନର ବିକାଶରେ ଗଣମାଧ୍ୟମ ସମ୍ପର୍କରେ କିଛି ଶବ୍ଦ ମଧ୍ୟ କହିହେବ ନାହିଁ। ରାଷ୍ଟ୍ରର ଉନ୍ନତିଠୁ ନେଇ ପର୍ଯ୍ୟଟନର ବିକାଶ ପର୍ଯ୍ୟନ୍ତ ସବୁଥିରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ପର୍ଯ୍ୟଟନର ପ୍ରଚାରପ୍ରସାର କ୍ଷେତ୍ରରେ ଗଣମାଧ୍ୟମ ହିଁ ମୁଖ୍ୟ ସ୍ରୋତ ପାଲଟିଥାଏ ବୋଲି ସିକ୍କିମ ରାଜ୍ୟପାଳ ଲକ୍ଷ୍ମଣ ପ୍ରସାଦ ଆଚାର୍ଯ୍ୟ କହିଛନ୍ତି। ମଙ୍ଗଳବାର ରାଜ୍ୟସ୍ତରୀୟ ଦିଲୀପ ରାୟ ଜୟନ୍ତୀ କମିଟି ପକ୍ଷରୁ 'ପର୍ଯ୍ୟଟନ କ୍ଷେତ୍ରରେ ଗଣମାଧ୍ୟମର ଭୂମିକା' ଶୀର୍ଷକ ଆଲୋଚନାଚକ୍ର ସ୍ଥାନୀୟ ଏକ ହୋଟଲରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ କହିଲେ, ଲୋକଙ୍କ ମାନସିକତା ପରିବର୍ତ୍ତନ କରିବା ସହ ସବିଶେଷ ସୂଚନା ଦେବାରେ ଗଣମାଧ୍ୟମ ପ୍ରମୁଖ ଭୂମିକା ନିଭାଇଥାଏ। ମୁଖ୍ୟବକ୍ତା ଭାବେ ଯୋଗଦେଇ ପୂର୍ବତନ ଡିଜିପି ସଞ୍ଜୀବ ମାରିକ୍ କହିଛନ୍ତି, ଗତ ୨ବର୍ଷରେ ଓଡ଼ିଶା ପର୍ଯ୍ୟଟନ କ୍ଷେତ୍ରରେ ବ୍ୟାପକ ଅଭିବୃଦ୍ଧି ହୋଇଛି। ହୋଟେଲ ଶିଳ୍ପର ଅଭିବୃଦ୍ଧି ପର୍ଯ୍ୟଟନ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସାଜିଛି। ରାଜ୍ୟରେ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟାରେ ପାଖାପାଖି ୮୧ ପ୍ରତିଶତ ବୃଦ୍ଧି ଘଟିଛି। ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ରାଜାରାମ ଶତପଥୀ କହିଛନ୍ତି, ୨୫ବର୍ଷ ତଳେ ଆମେ ଯେଉଁଠି ଥିଲେ, ଆଜି ବି ସେଇଠି। ନିଜର ଗୁରୁତ୍ୱ ପଦବାଚ୍ୟ ପାଇଁ କୌଣସି ଉଦ୍ୟମ କରୁନାହାନ୍ତି। ଓଡ଼ିଶାରେ ଯାହା ଅଛି, ତାହା ସମଗ୍ର ଭାରତବର୍ଷରେ ନାହିଁ। ଖାଲି ଯାହା ତୁଷାରପାତକୁ ଛାଡ଼ି। ହେଲେ ପର୍ଯ୍ୟଟନ କ୍ଷେତ୍ରରେ ଆମେ ବହୁତ ତଳେ। ଯେ ପର୍ଯ୍ୟନ୍ତ ପର୍ଯ୍ୟଟନ କ୍ଷେତ୍ରରେ ରୋଜଗାର ସୃଷ୍ଟି ହୋଇପାରି ନାହିଁ, ସେ ଯାଏ ପର୍ଯ୍ୟଟନ କ୍ଷେତ୍ରକୁ ବିଶେଷ ଧ୍ୟାନ ଦେବାକୁ ପଡ଼ିବ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଦିଲୀପ ରାୟଙ୍କ ସଚିବ ଦୁର୍ଗାପ୍ରସାଦ ମହାନ୍ତି କହିଛନ୍ତି, ହୋଟେଲ ଶିଳ୍ପର ଅଭିବୃଦ୍ଧି କରି ରାୟ ପର୍ଯ୍ୟଟନର ପ୍ରଚାରପ୍ରସାର କରିଛନ୍ତି। ପ୍ରାରମ୍ଭରେ କମିଟି ସଭାପତି ସୁଶୀଲ ରାୟ ଦିଲୀପ ରାୟଙ୍କୁ ସଫଳତାର ନୀରବ ନାୟକ ବୋଲି କହିଥିଲେ। ମୁନ୍‌ମୁନ୍ ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଆଲୋଚନାଚକ୍ରରେ ସିକ୍କିମ ରାଜ୍ୟପାଳ ଲକ୍ଷ୍ମଣ ପ୍ରସାଦ ଆଚାର୍ଯ୍ୟଙ୍କ ସହ ଅନ୍ୟ ଅତିଥିମାନେ। (ଫଟୋ- ବିକାଶ ନାୟକ)

## ସଂକ୍ଷେପରେ

### ୫୬୨ଛାତ୍ରୀଛାତ୍ର ଦେଲେ ଆଦର୍ଶ ପ୍ରବେଶିକା ପରୀକ୍ଷା

ଟାଙ୍ଗୀ,୯।୧(ରଘୁନାଥ ସାହୁ)

ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ନାମ ଲେଖା ପାଇଁ ମଙ୍ଗଳବାର ରାଜ୍ୟରେ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଟାଙ୍ଗୀ ଓ ବଡ଼ପାରୀ ହାଇସ୍କୁଲ କେନ୍ଦ୍ରରେ ମୋଟ୍ ୫୬୨ଜଣ ଛାତ୍ରୀଛାତ୍ର ପ୍ରବେଶିକା ପରୀକ୍ଷା ଦେଇଛନ୍ତି। ଟାଙ୍ଗୀ ବଳରାମ ଦେବ ବିଦ୍ୟାପୀଠରେ ୩୪୫ ଜଣ ଓ ବଡପାରୀ ହାଇସ୍କୁଲରେ ୨୧୭ ଜଣ ପରୀକ୍ଷା ଦେଇଥିଲେ। ସେହିପରି ବଳରାମ ଦେବ ବିଦ୍ୟାପୀଠରେ ୫ ଜଣ ଓ ବଡପାରୀ ହାଇସ୍କୁଲ କେନ୍ଦ୍ରରେ ୧୨ ଜଣ ଅନୁପସ୍ଥିତ ଥିଲେ। ବଳରାମ ଦେବ ବିଦ୍ୟାପୀଠ ପରୀକ୍ଷା କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ପ୍ରଧାନ ଶିକ୍ଷକ ବିଶ୍ୱଜିତ ପଲାଇ, ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଶିକ୍ଷୟିତ୍ରୀ ରଶ୍ମିତା ବେହେରା ଓ ପର୍ଯବେକ୍ଷକ ଭାବେ କୁହୁଡି ଜନତା ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ରଘୁନାଥ ସ୍ୱାଇଁ ରହିଥିଲେ। ସେହିଭଳି ବଡପାରୀ ହାଇସ୍କୁଲ କେନ୍ଦ୍ରରେ ସୁପରିଣ୍ଟେଣ୍ଡେଣ୍ଟ ପ୍ରଧାନ ଶିକ୍ଷକ ଭଞ୍ଜ କିଶୋର ସାହୁ ଓ ପର୍ଯ୍ୟବେକ୍ଷକ ଭାବେ ଡମଣଭୂଇଁ ହାଇସ୍କୁଲ ପ୍ରଧାନ ଶିକ୍ଷକ ଆଲୋକ ଚକ୍ରବର୍ତ୍ତୀ ରହିଥିଲେ। ପରୀକ୍ଷା ସୁଚାରୁରୂପେ ସମ୍ପାଦନା ହୋଇଥିଲା।

### ଗୋଳବାଇରେ ଖୋଲିଲା ଧାନମଣ୍ଡି

ନିରାକାରପୁର,୯।୧(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଗୋଳବାଇ ସେବା ସମବାୟ ସମିତିରେ ମଙ୍ଗଳବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ସେବା ସମବାୟ ସମିତିର ସଭାପତି ରମେଶ ଚନ୍ଦ୍ର ପ୍ରଧାନ, ସମ୍ପାଦକ ପରମାନନ୍ଦ ନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ପ୍ରଥମ ଦିବସରେ ୧୮ଜଣ ଚାଷୀଙ୍କଠାରୁ ମୋଟ ୪୫୦ କୁଇଣ୍ଟାଲ ଧାନ କ୍ରୟ କରାଯାଇଛି। ଚଣ୍ଡେଶ୍ୱରସ୍ଥିତ ଚଣ୍ଡୀହରଦେବ ରାଇସ ମିଲ୍ ଧାନ କ୍ରୟ କରିଥିଲା। ଚଳିତବର୍ଷ ସରକାରଙ୍କ ପକ୍ଷରୁ ଚାଷୀ ଓ ଚାଷର ଉନ୍ନତି ନିମନ୍ତେ ଗ୍ରେଡ୍ ଏ ଧାନର କ୍ରୟମୂଲ୍ୟ ୨୨୦୩ ଟଙ୍କା ଧାର୍ଯ୍ୟ ହୋଇଥିବା ବେଳେ ଏଫଏକ୍ୟୁ ଧାନର ମୂଲ୍ୟ ୨୧୮୩ ଟଙ୍କା ରହିଛି। ହେଲେ ଉକ୍ତ ମଣ୍ଡିରୁ ମଙ୍ଗଳବାର କେବଳ ଏଫଏକ୍ୟୁ ମାନର ଧାନ କିଣାଯାଇଥିବା ସମ୍ପାଦକ ନାୟକ ସୂଚନା ଦେଇଛନ୍ତି।

### ପ୍ରଧାନମନ୍ତ୍ରୀ ଆବାସ ସମୀକ୍ଷା ବୈଠକ

ଜଟଣୀ,୯।୧(ରବୀନ୍ଦ୍ରନାଥ ମହାକୁଡ଼)

ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଜଟଣୀ ପୌର ପରିଷଦର ୱାର୍ଡ ନମ୍ବର ୯ର ଷଣ୍ଢପୁର ପରିଚୟ କେନ୍ଦ୍ରଠାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରୀ) ସାମାଜିକ ସମୀକ୍ଷା ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜଟଣୀ ନଗରପାଳ ଅନନ୍ତ ବେହେରା, ଉପାଧ୍ୟକ୍ଷା ଆରତୀ ରାଉତ, ଲାଇଫ ଏକାଡେମୀ ଅଫ୍ ଭୋକେଶନାଲ ଷ୍ଟଡିସର ସମୀକ୍ଷକ ବଂଶୀଧର ଷଡ଼ଙ୍ଗୀ, ରାମେଶ୍ୱର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଜଟଣୀ ପୌର ପରିଷଦ ପକ୍ଷରୁ ତୋଫାନ କୁମାର ବେହେରା, ଭବାନୀ ଶଙ୍କର ବାରିକ, ସତ୍ୟବ୍ରତ ତ୍ରିପାଠୀ, ସ୍ନେହାଞ୍ଜଳି ଖଟୁଆ ଓ ଅନ୍ୟମାନେ ପରିଚାଳନା କରିଥିଲେ। ବୈଠକରେ ସ୍ଥାନୀୟ ହିତାଧିକାରୀ, ଜନପ୍ରତିନିଧି ଓ ବସ୍ତିବାସିନ୍ଦା ଯୋଗଦେଇଥିଲେ।

# ମଣ୍ଡିରେ ଅବ୍ୟବସ୍ଥା ନେଇ ଚାଷୀଙ୍କ ଅସନ୍ତୋଷ

ଖୋର୍ଦ୍ଧା,୯।୧(ପ୍ରଭାତ ପାଣିଗ୍ରାହୀ)

■ ଜିଲାରେ ୩୦ପ୍ରତିଶତ ଖୋଲିଛି ମଣ୍ଡି
■ ମିଲର୍ସଙ୍କ ମନମାନିରେ ଚାଲିଛି

ଖୋର୍ଦ୍ଧା ଜିଲାରେ ୨୦୨୩-୨୪ ଖରିଫ ଧାନକିଣା ଗତ ଡିସେମ୍ବର ୨୯ରେ ଶୁଭାରମ୍ଭ ହୋଇଥିଲା। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଏହାକୁ ଉଦ୍‌ଘାଟନ କରିଥିଲେ। ମିଲର୍ସ ବିଳମ୍ବରେ ପଞ୍ଜୀକରଣ ଯୋଗୁ ମଣ୍ଡି ଖୋଲିବାରେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଛି। ମିଲର୍ସ ଏବଂ ପ୍ରଶାସନ ମଧ୍ୟରେ ବୁଝାମଣା ଅଭାବକୁ ଚାଷୀ ସଙ୍ଗଠନ ଦାୟୀ କରିଛନ୍ତି। ଜିଲାରେ ୩୦ ପ୍ରତିଶତ ମଣ୍ଡି ସ୍ୱାଭାବିକ ହୋଇଥିବା ବେଳେ ଅନ୍ୟ ସ୍ଥାନରେ ଏବେବି ମଣ୍ଡି ଖୋଲିବା ନେଇ ଅନିଶ୍ଚିତତା ଲାଗିରହିଛି। ଅନ୍ୟପଟେ ଖୁବ୍‌ଶୀଘ୍ର ସମସ୍ତ ମଣ୍ଡି ସ୍ୱାଭାବିକ ହେବ ବୋଲି ଯୋଗାଣ ବିଭାଗ ପକ୍ଷରୁ କୁହାଯାଇଛି। ନିକଟରେ ବୋଲଗଡ଼ରେ ଟାର୍ଗେଟକୁ ନେଇ ଚାଷୀ ଅସନ୍ତୋଷ ପ୍ରକାଶ କରିଥିବା ବେଳେ ପଲ୍ଲାତୋଟାପଡା ପ୍ୟାକ୍ସରେ କଟନୀ ଛଟନୀକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଧାନକିଣାରେ ସ୍ୱଚ୍ଛତା ପାଇଁ ଚାଷୀ ସଙ୍ଗଠନ ପ୍ରଶାସନ ନିକଟରେ ଦାବି କରିଛି।

ଜିଲାର ୧୫୪ ମଣ୍ଡିରେ ଧାନ ସଂଗ୍ରହ କରାଯିବ। ଖରିଫ ଧାନ ସଂଗ୍ରହ ଲାଗି ୧୩୯ ପ୍ରାଥମିକ ସେବା ସମବାୟ ସମିତି(ପ୍ୟାକ୍ସ) ଏବଂ ୧୫ଟି ଉପକେନ୍ଦ୍ର କରାଯାଇଛି ବୋଲି ଜିଲା ଯୋଗାଣ ଅଧିକାରୀ ସୁଗୁଡା ମୁର୍ମୁ ସୂଚନା ଦେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ୧୩ଲକ୍ଷ ୧୧ହଜାର ୭୬୪ କୁଇଣ୍ଟାଲ ଧାନ ସଂଗ୍ରହ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଚଳିତବର୍ଷ ଚାଷୀଙ୍କ ପଞ୍ଜୀକରଣ ୬ପ୍ରତିଶତ ବୃଦ୍ଧି ପାଇଛି। ଗତବର୍ଷ ଖରିଫରେ ୪୮ହଜାର ୪୦୮ ଚାଷୀ ପଞ୍ଜୀକରଣ କରିଥିବା ବେଳେ ଚଳିତ ବର୍ଷ ୫୧ହଜାର ୧୫୧ଜଣ ଚାଷୀ ନାମ ପଞ୍ଜୀକରଣ କରିଛନ୍ତି। ଗତବର୍ଷ ଦୈନିକ ୧୨ଶହ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଥିବା ବେଳେ ଚଳିତବର୍ଷ ୧୫ଶହ କୁଇଣ୍ଟାଲ ଧାନ ଉଠାଯିବ। ଭାଜପା କୃଷକ ନେତା ଶ୍ରୀରଞ୍ଜନ ମଙ୍ଗରାଜ କହିଛନ୍ତି, ଚାଷୀମାନେ ବହୁ ବାଧାବିଘ୍ନ ସହି ଧାନ ଅମଳ କରିଛନ୍ତି। ପ୍ରତିବର୍ଷ ମଣ୍ଡିରେ ଧାନକିଣାରେ ଅବ୍ୟବସ୍ଥା ଲାଗିରହୁଛି। ମିଲର୍ସଙ୍କ ମନମାନିରେ ମଣ୍ଡି ଚାଲୁଥିବା ବେଳେ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। ଫଳରେ ଚାଷୀ ହଇରାଣ ହେଉଛନ୍ତି। ସେହିପରି ଚାଷୀ ନେତା ସୁରେଶ ମାନସିଂ କହିଛନ୍ତି, ଗତବର୍ଷ ଭଳି ଚଳିତ ବର୍ଷ ବିଳମ୍ବରେ ମଣ୍ଡି ଉଦ୍‌ଘାଟିତ ହୋଇଛି। ମିଲର୍ସ ପଞ୍ଜୀକରଣରେ ବିଳମ୍ବ କରିବା ଯୋଗୁ ମଣ୍ଡି ବର୍ତ୍ତମାନ ସୁଦ୍ଧା ସ୍ୱାଭାବିକ ହୋଇପାରିନାହିଁ। ସେହିପରି ଯୁବ ଚାଷୀ ଗୋପଳ ପ୍ରଧାନ କହିଛନ୍ତି, ଚଳିତ ବର୍ଷ ବିଳମ୍ବିତ ମୌସୁମୀ, ସ୍ୱଳ୍ପ ବୃଷ୍ଟି, ବାତ୍ୟା ଧାନଚାଷ ଉଜାଡିଲା। ଯାହାହେଉ ଅମଳ ପରେ ଏବେ ମଣ୍ଡିରେ କଟନୀ ଛଟନୀକୁ ନେଇ ଅସ୍ୱାଭାବିକ ପରିସ୍ଥିତି ଲାଗିରହୁଛି। ଚାଷୀ ମୀନକେତନ ସୁବୁଦ୍ଧି କୁହନ୍ତି, ଧାନ ବିକ୍ରି ନେଇ ପ୍ରଶାସନିକ ଅବହେଳା ଯୋଗୁ ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି। ପ୍ରତିବର୍ଷ ଜିଲା ପାଇଁ ଆସୁଥିବା ଟାର୍ଗେଟ ସନ୍ତୋଷଜନକ ନୁହଁ। ପୁଣି ପ୍ୟାକ୍ସକୁ ଟାର୍ଗେଟ ଆସି ନ ଥିବା ବେଳେ ଟୋକନ ଅବଧି ଶେଷ ଯୋଗୁ ଚାଷୀ ଧାନ ବିକ୍ରି କରିନପାରି ବାଧ୍ୟ ହୋଇ କମ୍ ଦାମରେ ବେପାରୀଙ୍କୁ ଦେଉଛନ୍ତି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବା ଜରୁରୀ ହୋଇପଡ଼ିଛି ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ କହିଛନ୍ତି, ମଣ୍ଡିରେ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦିଆଯାଇଛି। ଚାଷୀଙ୍କ ପାଇଁ ସମସ୍ତ ସୁବିଧା ଉପଲବ୍ଧ କରାଯିବ। ମଣ୍ଡିକୁ ଦଲାଲ ମୁକ୍ତ ପାଇଁ ବିଭାଗୀୟ ଅଧିକାରୀଙ୍କୁ ତାଗିଦ୍ କରାଯାଇଛି।

# ହାତୀ ଉପଦ୍ରବ, ଫସଲ ନଷ୍ଟ



ନଷ୍ଟ ହୋଇଥିବା ଧାନ କଳେଇ।

ନିରାକାରପୁର,୯।୧(ମାନସ ଚନ୍ଦ୍ର ପଟ୍ଟନାୟକ)

ଟାଙ୍ଗୀ ବନାଞ୍ଚଳ ଅଧୀନ ଭୂଷଣ୍ଡପୁର ଫରେଷ୍ଟର ଅନ୍ତର୍ଗତ ନିରାକାରପୁର ଏବଂ ଏହାର ଆଖପାଖ ଅଞ୍ଚଳରେ ହାତୀ ଉପଦ୍ରବ ଲାଗିରହିଛି। ସନ୍ଧ୍ୟାହେଲେ ଖାଦ୍ୟ ଅନ୍ୱେଷଣରେ ହାତୀପଲ ଗାଁମୁହାଁ ହେଉଛନ୍ତି। ଲୋକଙ୍କ ବାରି ଓ କ୍ଷେତରେ ପଶି ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରୁଛନ୍ତି। ଏପରିକି ଘର ଓ ପାଚେରି ଭାଙ୍ଗୁଥିବା ନଜିର ରହିଛି। ଲୋକେ ଭୟଭୀତ ହେବା ସହ ସନ୍ଧ୍ୟାରୁ ରାସ୍ତା ଶୂନଶାନ ହୋଇପଡୁଛି। ସୋମବାର ବିଳମ୍ବିତ ରାତିରେ ଏକ ହାତୀପଲ ଲେଣ୍ଡୋ ପଞ୍ଚାୟତ ଅଧୀନ ଯାଜପୁର ଗହିରରେ ପଶିଥିଲେ। ସେଠାରେ ପ୍ରାୟ ଦୁଇଟି ଗଦାର ଧାନ କଳେଇକୁ ଖାଇବା ସହ ନଷ୍ଟ କରିଛନ୍ତି। ଯାହାର ଆନୁମାନିକ ମୂଲ୍ୟ ୫୦ହଜାରରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଚାଷୀ କୃଷ୍ଣଚନ୍ଦ୍ର ପ୍ରଧାନ କହିଛନ୍ତି। ଅନୁରୂପଭାବେ ଉକ୍ତ ଅଞ୍ଚଳରେ ଥିବା ପନିପରିବା ଫସଲ ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଭୂଷଣ୍ଡପୁର ଫରେଷ୍ଟର ପ୍ରଶାନ୍ତ କୁମାର ଦାଶ କହିଛନ୍ତି, ହାତୀ ଫସଲ ନଷ୍ଟ କରିଥିଲେ କ୍ଷତିପୂରଣ ପାଇଁ ଅନଲାଇନରେ ଆବେଦନ କରିବାକୁ କୁହାଯାଇଛି। ଅଭଯୋଗ ମିଳିବା ପରେ ତଦନ୍ତ କରାଯାଇ ସରକାରୀ ନିୟମ ଅନୁସାରେ କ୍ଷତିପୂରଣ ଦିଆଯିବ।

# ଜିଲାସ୍ତରୀୟ ଏକଦିବସୀୟ କର୍ମଶାଳା




ଜିଲାସ୍ତରୀୟ ଏକଦିବସୀୟ କର୍ମଶାଳାରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

ଖୋର୍ଦ୍ଧା,୯।୧(ପ୍ରଭାତ ପାଣିଗ୍ରାହୀ)

ପାରମ୍ପରିକ ଲୋକକଳା ମାଧ୍ୟମରେ ସୂଚନା, ଶିକ୍ଷା ଓ ଯୋଗାଯୋଗ ଅଭିଯାନ ସମ୍ପର୍କରେ ଖୋର୍ଦ୍ଧା ଜିଲାସ୍ତରୀୟ ଏକ ଦିବସୀୟ କର୍ମଶାଳା ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା ଉଦ୍‌ଘାଟନ କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ସ୍ୱାଗତ ସମ୍ଭାଷଣ ପୂର୍ବକ ଅତିଥି ପରିଚୟ ପ୍ରଦାନ କରି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ। କୃଷ୍ଣ ଚନ୍ଦ୍ର ନିଶଙ୍କ, ଅନୁଜା ତାରିଣୀ ମିଶ୍ର, କବିରାଜ ପ୍ରଧାନ ପ୍ରମୁଖ ଯୋଗଦେଇ ୧୦ ବ୍ଲକର ଉପସ୍ଥିତ ଥିବା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, ବ୍ଲକ କଳା ସଂସ୍କୃତି ସଂଘ ଉପସଭାପତି ଓ ପ୍ରତି ବ୍ଲକରୁ ଆସିଥିବା ଦୁଇ ଜଣ ବରିଷ୍ଠ କଳାକାରଙ୍କୁ ଲୋକକଳା ମାଧ୍ୟମରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାର ପ୍ରଚାର ଓ ପ୍ରସାର କରିବା ନିମନ୍ତେ ପ୍ରଶିକ୍ଷଣ ପ୍ରଦାନ କରି ସରକାରଙ୍କ ମାର୍ଗଦର୍ଶିକା ସମ୍ପର୍କରେ ଅବଗତ କରାଇଥିଲେ। ଆସନ୍ତା ୧୭ ତାରିଖ ମଧ୍ୟରେ ବ୍ଲକସ୍ତରରେ ବ୍ଲକ କଳା ସଂସ୍କୃତି ସଂଘରେ ସାମିଲ ଥିବା କଳାକାରଙ୍କୁ ନେଇ ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ କରିବାକୁ ପରାମର୍ଶ ଦିଆଯାଇଥିଲା। ଆସନ୍ତା ୨୩ ତାରିଖରୁ ଫେବୃୟାରୀ ୨୦ ପର୍ଯ୍ୟନ୍ତ ଜିଲାର ପ୍ରତି ପଞ୍ଚାୟତ ଓ ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର ଯୋଜନା ରହିଛି।

### ପୁରସ୍କାର ବିତରଣ ସମାରୋହ

ନିରାକାରପୁର,୯।୧(ମାନସ ଚନ୍ଦ୍ର ପଟ୍ଟନାୟକ)

ଗ୍ରାମେଶ୍ୱର ବିଶନାଥ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟ ଓହ୍ଲାଣ ପକ୍ଷରୁ ସ୍କୁଲର ପ୍ରତିଷ୍ଠାତା ଦିବଂଗତ ଗୋବିନ୍ଦ ଚନ୍ଦ୍ର ମିଶ୍ରଙ୍କ ଜନ୍ମଜୟନ୍ତୀ ଓ ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍କୁଲ ପରିଚାଳନା କମିଟି ସଭାପତି କିଶୋର ଚନ୍ଦ୍ର ମାର୍ଥା ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ଦିବଂଗତ ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ବରିଷ୍ଠ ଶିକ୍ଷାବିତ୍ ପ୍ରଫୁଲ୍ଲ ଚନ୍ଦ୍ର ଚନ୍ଦ୍ର ଜେନା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଭଲ ମଣିଷଭାବେ ଗଢି ତୋଳିବାକୁ ଶିକ୍ଷୟତ୍ରୀ ଶିକ୍ଷକଙ୍କୁ ଆହ୍ୱାନ ଦେଇଥିଲେ। ସାମାଜିକକର୍ମୀ ଅର୍ଜୁନ ଚରଣ ସାମନ୍ତରାୟ, ଖବରଦାତା ଉମେଶ ଚନ୍ଦ୍ର ପଟ୍ଟନାୟକ, ସୁବାସ ଚନ୍ଦ୍ର ମିଶ୍ର, ବିଜୟ ମହାପାତ୍ର, ବ୍ରଜ କିଶୋର ବେହେରା, ସତ୍ୟ ନାରାୟଣ ସାମନ୍ତସିଂହାର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ରୋଜାଲିନ ସେଠୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ପ୍ରତାପ ଚନ୍ଦ୍ର ଦାଶ ମଞ୍ଚ ପରିଚାଳନା କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଶ୍ରୀକୁମାର ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ପ୍ରେମିକଙ୍କ ଛୁରାମାଡ଼ରେ ପ୍ରେମିକା ଗୁରୁତର

ଖୋର୍ଦ୍ଧା,୯।୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ଅଧୀନ ବରୁଣେଇଠାରେ ମଙ୍ଗଳବାର ଜଣେ ପ୍ରେମିକଙ୍କ ଛୁରାମାଡ଼ରେ ପ୍ରେମିକା ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଯାଜପୁର ଅଞ୍ଚଳର ନିବେଦିତା ରାୟ(୨୫)। ତାଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱର ଏମ୍ସ ମେଡିକାଲରେ ଭର୍ତ୍ତି କରାଯାଇଛି। ସେ ତମାଣ୍ଡୋସ୍ଥିତ ଏକ ଗାଡି ଶୋ-ରୁମରେ କାର୍ଯ୍ୟ କରନ୍ତି। ଏହି ଘଟଣାରେ ପୋଲିସ ସମ୍ପୃକ୍ତ ଯୁବକ ଜଟଣୀ ବାଛେରା ଗ୍ରାମର ଏସ୍.କେ.କୁତବୁଦ୍ଦିନଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ସୂଚନା ମୁତାବକ, ମଙ୍ଗଳବାର ଅପରାହ୍ନରେ ଉଭୟେ ବରୁଣେଇ ବୁଲିବାକୁ ଯାଇଥିଲେ। କୌଣସି କାରଣକୁ ନେଇ ସେଠାରେ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ କୁତବୁଦ୍ଦିନ ଉତ୍‌କ୍ଷିପ୍ତ ହୋଇ ନିବେଦିତାଙ୍କ ପେଟରେ ଛୁରି ଭୁଶି ଫେରାର ହୋଇଯାଇଥିଲେ। ଚିତ୍କାର ଶୁଣି ସ୍ଥାନୀୟ ଲୋକେ ପହଞ୍ଚି ପୋଲିସକୁ ଖବରଦେଇଥିଲେ। ଶିଳ୍ପାଞ୍ଚଳ ପୋଲିସ ପହଞ୍ଚି ନିବେଦିତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଖୋର୍ଦ୍ଧା ମେଡିକାଲ ପଠାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ଏମ୍‌ସ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାରେ ପୋଲିସ ତଦନ୍ତ କରି ପୁରୀ ଜିଲା ଗୋପ ଅଞ୍ଚଳରୁ କୁତବୁଦ୍ଦିନଙ୍କୁ ଧରିପଚରାଉଚରା ଚଳାଇଛି।

# ବଡ଼କୁମାରୀରେ କଂଗ୍ରେସର ପଦଯାତ୍ରା



ପଦଯାତ୍ରାରେ କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକ ଏବଂ ଅନ୍ୟମାନେ।

ବୋଲଗଡ଼,୯।୧(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ କଂଗ୍ରେସ ପକ୍ଷରୁ କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକଙ୍କ ନେତୃତ୍ୱରେ ମଙ୍ଗଳବାର ବଡ଼କୁମାରୀ ପଞ୍ଚାୟତ ଅଞ୍ଚଳରେ ଘରେ ଘରେ କଂଗ୍ରେସ ଘରେ ଘରେ ହାତ କାର୍ଯ୍ୟକ୍ରମର ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଲଖଉରୁଣୀ ଓ ଡିହଖଉରୁଣୀ ଗ୍ରାମର ବିଭିନ୍ନ ସାହିରେ କଂଗ୍ରେସ ନେତା, କର୍ମୀ ଓ ସମର୍ଥକଙ୍କୁ ନେଇ ପଦଯାତ୍ରା କରିଥିଲେ ପୃଥ୍ୱୀବଲ୍ଲଭ। ସେ ଘର ଘର ବୁଲି ଲୋକମାନଙ୍କୁ କଂଗ୍ରେସ ସହିତ ସମ୍ପର୍କ କରିବା ପାଇଁ ଅନୁରୋଧ କରିବା ସହିତ ସେମାନଙ୍କର ସମସ୍ୟା ବିଷୟରେ ପଚାରି ବୁଝିଥିଲେ। ସ୍ଥାନୀୟ ନିର୍ବାଚନମଣ୍ଡଳୀର ବିକାଶ ପାଇଁ କଂଗ୍ରେସ ଦଳକୁ ସମର୍ଥନ ଦେବାକୁ ସହଯୋଗ ଲୋଡ଼ିଥିଲେ। କଂଗ୍ରେସରେ ସାମିଲ ହୋଇ ଦଳକୁ ମଜଭୁତ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପିସିସି ସୋସିଆଲ ମିଡିଆ ସଂଯୋଜକ ସୁଶାନ୍ତ ମହାରଣା, ବୋଲଗଡ ବ୍ଲକ କଂଗ୍ରେସ ବ୍ଲକ କମିଟିର ସଭାପତି ସଞ୍ଜୟ ସୁବୁଦ୍ଧି, ଯୁବନେତା ସୀମାଞ୍ଚଳ ଖଣ୍ଡାଇ, ପଞ୍ଚାୟତ କଂଗ୍ରେସ ସଭାପତି ଚିରଞ୍ଜୀବୀ ସୁନ୍ଦରାୟ, ବନମାଳୀ ସେନାପତି, ବୈକୁଣ୍ଠ ଦାସ, ଜଗନ୍ନାଥ ବରାଡ଼, ବାଗା ମାନସିଂହ, ସୁରେନ୍ଦ୍ର ମାଝି, ବିଦ୍ୟାଧର ପ୍ରଧାନ, ଗଦାଧର ମାଝି, ନାଲୁ ମାଝୀ, ସୁରେନ୍ଦ୍ର ବରାଳ, ବୁଲା ପରିଡା, ବଂଶୀଧର ମହାପାତ୍ର, ଧର୍ମାନନ୍ଦ ସୁନ୍ଦରାୟଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ।

# ପିଏନ୍ କଲେଜ ନିକଟରେ ହେବ ଫୁଟ୍ ଓଭରବ୍ରିଜ୍

ଖୋର୍ଦ୍ଧା,୯।୧(ପ୍ରଭାତ ପାଣିଗ୍ରାହୀ)

ପ୍ରାଣନାଥ (ପିଏନ୍) ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖ ୧୬ ନମ୍ବର ଜାତୀୟ ରାଜପଥରେ ଫୁଟ୍ ଓଭରବ୍ରିଜ ନିର୍ମାଣ ହେବା ନେଇ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଘୋଷଣା କରିଛନ୍ତି। ଗଡ଼ଖୋର୍ଦ୍ଧା ଛକରେ ଅଣ୍ଡରପାସ ଉଦଘାଟନୀ କାର୍ଯ୍ୟକ୍ରମରେ ଏମ୍‌ପି ଷଡଙ୍ଗୀ ଏହି ଘୋଷଣା କରିଥିଲେ। ସୂଚନା ମୁତାବକ, ଗତ ଡିସେମ୍ବର ୧୭ରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି)ର ପିଏନ୍ କଲେଜ କ୍ୟାମ୍ପସ ୟୁନିଟ ପକ୍ଷରୁ ଫୁଟ୍ ଓଭରବ୍ରିଜ ନିର୍ମାଣ ଦାବିରେ ଏକାଧିକ ଛାତ୍ରୀଛାତ୍ର କ୍ୟାମ୍ପସ ଆଗରେ ବିକ୍ଷୋଭ କରିଥିଲେ। ଏହି ମହାବିଦ୍ୟାଳୟରେ ୭ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ବହୁ ଛାତ୍ରୀଛାତ୍ର ବସ୍‌ରେ ଆସିଥାନ୍ତି। ଫଳରେ ବିପଦସଙ୍କୁଳ ଅବସ୍ଥାରେ ଛାତ୍ରୀଛାତ୍ରମାନେ ରାଜପଥ ଅତିକ୍ରମ କରିଥାନ୍ତି। ଅନେକ ସମୟରେ ଛାତ୍ରୀଛାତ୍ର ଦୁର୍ଘଟଣାର ଶିକାର ହୋଇଥିବା ନଜିର ରହିଛି। ଏପରକି ଯାନବାହନ ଯାତାୟାତ ଯୋଗୁ ରାସ୍ତା ଅତିକ୍ରମ କରିବାକୁ ଛାତ୍ରୀଛାତ୍ର ଦୀର୍ଘ ସମୟ ଅପେକ୍ଷା କରିଥାନ୍ତି। ପୂର୍ବରୁ କଲେଜ ସମ୍ମୁଖରେ ପିଲାଙ୍କ ସୁବିଧା ଦୃଷ୍ଟିରୁ ଏକ ପାଦଚଲା ଓଭରବ୍ରିଜ ନିର୍ମାଣ ପାଇଁ ଜିଲା ପ୍ରଶାସନ ନିକଟରେ ଦାବି ହୋଇଥିଲେ ମଧ୍ୟ ଗୁରୁତ୍ୱ ଦିଆଯାଇ ନ ଥିଲା। ଏହା ପରେ ଏମ୍‌ପି ଷଡ଼ଙ୍ଗୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏନେଇ ଏମ୍‌ପି ଷଡ଼ଙ୍ଗୀ ଜାତୀୟ ରାଜପଥ ପ୍ରାଧିକରଣ ଏବଂ ଭୂପୃଷ୍ଠ ମନ୍ତ୍ରଣାଳୟ ମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ସେଠାରୁ ଅନୁମୋଦନ ପରେ ଫୁଟ୍ ଓଭରବ୍ରିଜ ନିର୍ମାଣ ହେବା ନେଇ ଏମ୍‌ପି ଘୋଷଣା କରଛନ୍ତି। ଏବିଭିପିର କ୍ୟାମ୍ପସ ୟୁନିଟ୍ ସଭାପତି ଦଧିବାମନ ଦାସ, ସମ୍ପାଦକ ରାଜେନ୍ଦ୍ର ପ୍ରଧାନ, କେନ୍ଦ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟା ଦୀପ୍ତିମୟୀ ପ୍ରତିହାରୀ, ଜଗନ ସେଠୀ, ସାଗର ଜେନା, ସୋନାଲି ବେହେରା, ଶକ୍ତିପ୍ରସାଦ ପଣ୍ଡା, ପ୍ରୀତି ବେହେରା, ପପୁ ନାୟକଙ୍କ ସମେତ କ୍ୟାମ୍ପସ ୟୁନିଟରେ ଏକାଧିକ ଛାତ୍ରୀଛାତ୍ର ଏମ୍‌ପିଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ସାମାଜିକକର୍ମୀଙ୍କ ବିୟୋଗରେ ଶୋଭାଯାତ୍ରା

କୃଷ୍ଣପ୍ରସାଦ,୯।୧(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଗମ୍ଭାରୀ ଗ୍ରାମର ପୂର୍ବତନ ବ୍ଲକ ଉପାଧ୍ୟକ୍ଷ, ଜିଲାପରିଷଦ ତଥା ସାମାଜିକକର୍ମୀ ସତ୍ୟପ୍ରିୟ ଜେନାଙ୍କ ଅକାଳ ବିୟୋଗରେ ମଙ୍ଗଳବାର ସନ୍ଧ୍ୟାରେ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମା'ଦୁଆରଶୁଣୀଙ୍କ ପୀଠରୁ ଏହି ଶୋଭାଯାତ୍ରା ବାହାରି ୪ଗ୍ରାମ ପରିକ୍ରମା କରିଥିଲା। ଭାଜପାନେତ୍ରୀ ଉପାସନା ମହାପାତ୍ର, ଗମ୍ଭାରୀ ସରପଞ୍ଚ ସୁଶାନ୍ତ କୁମାର ପରିଡ଼ା, ପିରିଜିପୁର ସରପଞ୍ଚ ଇଂ.ମଳୟ କୁମାର ଜେନା, ପଣସପଦା ସରପଞ୍ଚ ମିତାଲି ପ୍ରିୟଦର୍ଶିନୀ, ସମିତିସଭ୍ୟା ଜାନକୀ ଜେନା, ସାମନ୍ତ, ପ୍ରଶାନ୍ତ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

# ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ

ଜଟଣୀ,୯।୧(ରବୀନ୍ଦ୍ରନାଥ ମହାକୁଡ଼)

୩ ଦଫା ଦାବିନେଇ ୫ଟି ବ୍ଲକର ଉଜ୍ଜଳା ଦିଦିଙ୍କ ପକ୍ଷରୁ ଜଟଣୀ ଷଣ୍ଢପୁରସ୍ଥିତ ମହାବୀରଙ୍କ ପୀଠରେ ଖୋର୍ଦ୍ଧା ଜିଲା ଉଜ୍ୱଳା ସଂଘର ସଭାପତି ସନ୍ତୋଷିନୀ ଦାଶଙ୍କ ପୌରୋହିତ୍ୟରେ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବାଲିଅନ୍ତା, ବାଲିପାଟଣା, ଟାଙ୍ଗୀ, ବେଗୁନିଆ, ଜଟଣୀ, ଖୋର୍ଦ୍ଧା ଆଦି ବ୍ଲକ ଅଞ୍ଚଳରୁ ଆସିଥିବା ଦିଦିମାନେ ଅସୁବିଧା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ପରିଚୟପତ୍ର, ଗଣ ପୋଷାକ ଓ ପ୍ରାପ୍ୟ ସମ୍ପର୍କିତ ଆଦି ୩ ଦଫା ଦାବିରେ ବହୁଦିନ ପୂର୍ବରୁ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲେ ମଧ୍ୟ ଏଯାବତ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ବୈଠକରେ ଉଦବେଗ ପ୍ରକାଶ ପାଇଥିଲା। ଦାବି ପୂରଣ ପାଇଁ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ବୈଠକରେ ସ୍ଥିର ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ଭାଜପା ନେତ୍ରୀ ଶୁଚିସ୍ମିତା ମିଶ୍ର, ଶ୍ରମିକ ନେତା ଅକ୍ଷୟ ରାଉତରାୟ, ସନ୍ତୋଷିନୀ ଦାଶ, ଅକ୍ଷୟ ପ୍ରମୁଖ ଉପସ୍ଥିତ ଥିଲେ। ମାମିନା ସାମନ୍ତରାୟ ଓ ଚୁନିବାଳା ପଟ୍ଟନାୟକଙ୍କ ନେତୃତ୍ୱରେ ବୈଠକ ହୋଇଥିଲା। ରାମଚନ୍ଦ୍ର ମାର୍ଥା ଧନ୍ୟବାଦ ଦେଇଥିଲେ।



ବୈଠକରେ ଉପସ୍ଥିତ ଉଜ୍ଜ୍ୱଳା ଦିଦିଦି ଏବଂ ଅନ୍ୟମାନେ।

# ଫାଇନାଲରେ ବଜରଙ୍ଗୀ ସ୍ପୋର୍ଟ୍ସ କ୍ଲବ



ମ୍ୟାଚ୍ ଆରମ୍ଭ ପୂର୍ବରୁ ଅତିଥି ଖେଳାଳିଙ୍କ ସହ ହାତ ମିଳାଉଛନ୍ତି।

ବୋଲଗଡ଼,୯।୧(ଦେବବ୍ରତ ହୋତା)

କାଳିଆ ମେମୋରିଆଲ ଫୁଟ୍‌ବଲ ଟୁର୍ନାମେଣ୍ଟ

ବୋଲଗଡ଼ ବ୍ଲକ ଅନ୍ତର୍ଗତ ହାଟବସ୍ତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ମା'ଯୋଗମାୟା ଫୁଟ୍‌ବଲ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା କାଳିଆ ମେମୋରିଆଲ ଫୁଟ୍‌ବଲ ଟୁର୍ନାମେଣ୍ଟର ମଙ୍ଗଳବାର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଘାଟିକିଆର ବଜରଙ୍ଗୀ ସ୍ପୋର୍ଟ୍ସ କ୍ଲବ ଓ କେରଙ୍ଗର ଅହମ୍ମଦୀୟା କ୍ଲବ ମଧ୍ୟରେ ହୋଇଥିଲା। ମ୍ୟାଚର ପ୍ରଥମାର୍ଦ୍ଧରେ ବଜରଙ୍ଗୀ ସ୍ପୋର୍ଟ୍ସ କ୍ଲବର ଖେଳାଳି ଗୋଟିଏ ଗୋଲ ଦେଇଥିଲେ। ସେହିପରି ଦ୍ୱିତୀୟାର୍ଦ୍ଧରେ ଅହମ୍ମଦୀୟା କ୍ଲବର ଖେଳାଳି ଗୋଟିଏ ଗୋଲ ଦେଇଥିଲେ। ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଟିମ୍ କେହି କାହାକୁ ଆଉ ଗୋଲ ଦେଇପାରି ନ ଥିଲେ। ଫଳରେ ଟାଇବ୍ରେକରରେ ୪-୨ ବଜରଙ୍ଗୀ ସ୍ପୋର୍ଟ୍ସ କ୍ଲବ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ଏମ୍.ଏସ୍.ବେଗ ମ୍ୟାଚ୍ ପରିଚାଳନା କରିଥିବା ବେଳେ ରବିନାରାୟଣ ରଣା ଏବଂ ମନୋରଞ୍ଜନ ମିଶ୍ର ଲାଇନ୍ସରେ ସହାୟତା କରିଥିଲେ। ଅତିଥିଭାବେ ବ୍ଲକ ଯୁବ ବିଜେଡି ସଭାପତି ରବୀନ୍ଦ୍ର ନାଥ ସୁବୁଦ୍ଧି, ବାଙ୍କୋଇଦେଶ ପଞ୍ଚାୟତର ବରିଷ୍ଠ ବିଜେଡି ନେତା ଜୟକୃଷ୍ଣ ଫତେସିଂହ, ଜୟକୃଷ୍ଣ ପରିଡା, କେଶବ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆସୋସିଏଶନର ସମସ୍ତ ସଦସ୍ୟ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ। ବୁଧବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ କନ୍ଧମାଳ ବାଲିଗୁଡାର ବାପୁଜୀ ଫୁଟବଲ କ୍ଲବ ଏବଂ ଭୁବନେଶ୍ୱରର ଏମ୍‌ଏଫସି ଫୁଟ୍‌ବଲ ଟିମ୍ ମଧ୍ୟରେ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

# କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

କୃଷ୍ଣପ୍ରସାଦ,୯।୧(କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ୍ଲକ ଗୋମୁଣ୍ଡିଆ ପଞ୍ଚାୟତ ଅନ୍ତର୍ଗତ ଗୋପୀନାଥ ଦେବ ଉଚ୍ଚ ବିଦ୍ୟାପୀଠ ପରିସରରେ ଉଦ୍‌ଯାପିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା ସରୋଜିନୀ ତରେଇ ମୁଖ୍ୟ ଅତିଥି, ଜିଲା ପରିଷଦ ଲକ୍ଷ୍ମୀଧର ସାହୁ, ଗୋମୁଣ୍ଡିଆ ସରପଞ୍ଚ ଦୁଷ୍ମନ୍ତ ସେଠୀ, ଚିଲିକା ନୂଆପଡ଼ା ସରପଞ୍ଚ କବିତା ଜେନା, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ତୀର୍ଥ ତଥାଗତ ଆଇଚ, କନିଷ୍ଠ ଯନ୍ତ୍ରୀ କମଳାକାନ୍ତ ବାସ୍କେ, ଜିତେନ୍ଦ୍ର ଦାସ, ବିଜୟ ତରେଇ ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷକ ଅକ୍ଷୟ ସାମନ୍ତସିଂହାର ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ କ୍ରୀଡ଼ା ଶିକ୍ଷକ ଦୁର୍ଯ୍ୟୋଧନ ନାୟକ ମଞ୍ଚ ପରିଚାଳନା କରିଥିଲେ। ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟର ୧୯୬ଟି ଦଳ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବ୍ଲକ କ୍ରୀଡ଼ା ଜୋନ ସମ୍ପାଦକ ଅଜିତ ବାରିକ, ପୂର୍ବତନ କ୍ରୀଡ଼ା ଜୋନ ସମ୍ପାଦକ ପଦ୍ମଚରଣ ଜେନା, ଅଶୋକ ସାମଲ, ପ୍ରକାଶ ସିଂହ, ପ୍ରମୋଦ ସାହୁ, ଅଶୋକ ପ୍ରଧାନଙ୍କ ସମେତ ସମସ୍ତ ଖେଳ ଶିକ୍ଷକ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ।



## ସଂକ୍ଷେପରେ

### ଦୀପନିଆଁ ଲାଗି ବୃଦ୍ଧା ଗୁରୁତର

ଆଠଗଡ଼,୯।୧(ସତ୍ୟପ୍ରସାଦ ରଥ)

ଶ୍ରୀ ମନ୍ଦିର ପରିକ୍ରମା ଅର୍ପଣ ରଥ ନିକଟରେ ପୂଜା କରୁଥିବା ବେଳେ ମଙ୍ଗଳବାର ଅଘଟଣ ଘଟିଛି। ଦୀପରୁ ନିଆଁ ଲାଗି ଜଣେ ବୃଦ୍ଧା ଗୁରୁତର ହୋଇଛନ୍ତି। ସେ ହେଲେ ଆଠଗଡ଼ ବ୍ଲକ ବଡ଼ଭୂଇଁ ପଞ୍ଚାୟତ ରଘୁନାଥପୁର ପାଟଣା ଗାଁର ନିଶାମଣି ସାହୁ(୭୬)। ତାଙ୍କୁ ଏକ ଘରୋଇ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ଆଠଗଡ ମେଡିକାଲ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି।

### ଭାଲୁ ମୃତଦେହ ଠାବ

ବଡ଼ମ୍ବା,୯।୧(ମାୟାଧର ମଲ୍ଲିକ)

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ବିଧାରପୁର ଶେଷ ସୀମା ଅଞ୍ଚଳରୁ ଏକ ଭାଲୁର ମୃତଦେହ ମଙ୍ଗଳବାର ଠାବ କରାଯାଇଛି। ସଡ଼କ ଦୁର୍ଘଟଣାରେ ଉକ୍ତ ଭାଲୁର ମୃତ୍ୟୁ ଘଟିଥିବା ଆଶଙ୍କା କରାଯାଉଛି। ଖବରପାଇ ବଡ଼ମ୍ବା ବନ ବିଭାଗ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଭାଲୁର ମୃତଦେହ ମିଳିଥିବା ସ୍ଥାନ ନୂଆପାଟଣା ବିଟ ଅଞ୍ଚଳରେ ଆସୁଥିବାରୁ ସେଠାକାର ବିଟ୍ କର୍ମଚାରୀମାନେ ତାର ମୃତଦେହ ଜବତ କରିଛନ୍ତି।

### ବାଟମଙ୍ଗଳା ମନ୍ଦିର ପରିଦର୍ଶନ କଲେ ବିଧାୟକ

କଟକ,୯।୧(ଶିଳ୍ପା ପ୍ରିୟଦର୍ଶିନୀ)

ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମ ମେରିଆ ବଜାର-କେଶରପୁର ଓ ରାଉସାପାଟଣାସ୍ଥିତ ମା’ ବାଟମଙ୍ଗଳା ମନ୍ଦିର ପରିଦର୍ଶନ କରିଛନ୍ତି। ବକ୍ସଡ୍ରେନ କାର୍ଯ୍ୟ ଓ ରାସ୍ତା ସମ୍ପ୍ରସାରଣ ପାଇଁ ମନ୍ଦିର ଭାଙ୍ଗିବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ହୋଇଛି। ଏହି ମନ୍ଦିରର ସୁରକ୍ଷା ପାଇଁ କର୍ମକର୍ତ୍ତାମାନେ ବିଧାୟକଙ୍କୁ ଜଣାଇଥିଲେ। କଟକ ସହରର ସର୍ବପୁରାତନ ମନ୍ଦିରର ସୁରକ୍ଷା ଓ ସ୍ଥାନନ୍ତରଣ କାର୍ଯ୍ୟକୁ ପ୍ରଶାସନିକ ଅଧିକାରୀମାନଙ୍କ ସହିତ ଆଲୋଚନା କରାଯାଇ ସମାଧାନ କରାଯିବ ବୋଲି ବିଧାୟକ ମୋକିମ କହିଛନ୍ତି। କମିଟି ସଭାପତି ସୁଶାନ୍ତ କୁମାର ସାମଲ, ସମ୍ପାଦକ ଶିବା ରାଓ, ଭାଗବତ ସ୍ୱାଇଁ, ନିରଞ୍ଜନ ସିଂ, ଚନ୍ଦ୍ରଶେଖର ରାଓ, ରାମେଶ୍ୱର ମୂଳିଆ, ବସନ୍ତ କୁମାର ଦାସ, ଶିବ ଚରଣ ବିଶ୍ୱାଳ, ଦୀପକ ଦାସ, ସୂର୍ଯ୍ୟମଣି ଜେନା, ଦେବାଶିଷ ମଣ୍ଡଳ ପ୍ରମୁଖ ଉପସ୍ଥିତ ରହିଥିଲେ।

### ଡିଏଭି ଇଣ୍ଟରନ୍ୟାଶନାଲ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ

କଟକ ସଦର,୯।୧(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ କିଶୋର ନଗରସ୍ଥିତ ଡିଏଭି ଇଣ୍ଟରନ୍ୟାଶନାଲ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ସଭାରେ କଟକସ୍ଥିତ ଗ୍ଲୋବାଲ ଇଣ୍ଡିଆନ୍ ମଡେଲ ସ୍କୁଲର ପ୍ରତିଷ୍ଠାତା ଚୌଧୁରୀ ସତ୍ୟ ଦାଶ, ଯୁବନେତା ଇଂ. ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସ୍କୁଲ ଅଧ୍ୟକ୍ଷା ସୁଜାତା ସେଠୀ, ସୁଧାକର ଦାଶ, ବିଶ୍ୱଜିତ୍ ବେହେରା, ପ୍ରୀତିପ୍ରିୟା ମହାପାତ୍ର, ସୋନାଲି ମହାନ୍ତି, ଇସ୍ତାକ ଅହମଦ, ମାମାଲି ମହାରଣା, ଅଲିଭା ମହାନ୍ତି, ସୌମ୍ୟରଞ୍ଜନ ପୃଷ୍ଟି, ବିଜୟ ବେହେରା ପ୍ରମୁଖ କ୍ରୀଡ଼ା ପରିଚାଳନାରେ ସହଯୋଗ କରିଥିଲେ।

# ଶ୍ରେଷ୍ଠ ଅଧିକାରୀଙ୍କୁ ପୁରସ୍କୃତ କଲେ ମୁଖ୍ୟମନ୍ତ୍ରୀ

## କମିଶନରେଟ୍ ପୋଲିସର ୧୬ତମ ପ୍ରତିଷ୍ଠା ଦିବସ



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପରେଡ୍‌ରେ ଅଭିବାଦନ ଗ୍ରହଣ କରୁଛନ୍ତି।

ଭୁବନେଶ୍ୱର,୯।୧(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର-କଟକ ପୋଲିସ କମିଶନରେଟ୍ ବ୍ୟବସ୍ଥାକୁ ୧୬ବର୍ଷ ପୂରିଛି। ଏହି ଅବସରରେ ମଙ୍ଗଳବାର ଭୁବନେଶ୍ୱର ଓଏସ୍ଏପି ୭ମ ବାଟାଲିୟନ୍ ପଡ଼ିଆରେ ଏହାର ୧୬ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କମିଶନରେଟ୍ ପୋଲିସର ନୂଆ ଇ-ଆବେଦନ ଓ ୟୁନିଫାଇଡ୍ କମାଣ୍ଡ୍ ଆଣ୍ଡ୍ କଣ୍ଟ୍ରୋଲ ସେଣ୍ଟର ଆପ୍‌କୁ ଶୁଭାରମ୍ଭ କରିଥିଲେ। ଆୟୋଜିତ ପରେଡ୍‌କୁ ଅଭିବାଦନ ଦେଇ ମୁଖ୍ୟମନ୍ତ୍ରୀ କହିଲେ, ୧୬ ବର୍ଷର ଏହି ଯାତ୍ରାରେ କମିଶନରେଟ୍ ପୋଲିସ ଯଥେଷ୍ଟ ବୃଦ୍ଧି ପାଇଛି। ଏହା ଅଧୀନରେ ୫୨ଟି ପୋଲିସ ଷ୍ଟେଶନ କାର୍ଯ୍ୟ କରୁଛି। ମୁଁ ସବୁବେଳେ ନାଗରିକ କେନ୍ଦ୍ରିକ ଓ ବନ୍ଧୁତ୍ୱପୂର୍ଣ୍ଣ ପୋଲିସ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରିଛି। ଗତ କିଛିବର୍ଷ ମଧ୍ୟରେ କମିଶନରେଟ୍ ପୋଲିସ ବସ୍ତି ବାସିନ୍ଦା, ବରିଷ୍ଠ ନାଗରିକ, ଶିଶୁ ପ୍ରମୁଖଙ୍କ ପାଇଁ ବହୁ ଅଭିଯାନ କରିଛି। ଶିକ୍ଷାନୁଷ୍ଠାନଗୁଡ଼ିକରେ ସାଇବର ସଚେତନତା ପାଇଁ ପଦକ୍ଷେପ ନିଆଯାଇଛି। ଗତବର୍ଷ ଦୋଷୀ ସାବ୍ୟସ୍ତ ହାରରେ ଉଲ୍ଲେଖନୀୟ ବୃଦ୍ଧି ହାସଲ କରିବାରେ କମିଶନରେଟ୍ ପୋଲିସ୍ ଉତ୍କୃଷ୍ଟ କାର୍ଯ୍ୟ କରିଥିବା ଜାଣି ମୁଁ ଖୁସି ହେଲି। ପୋଲିସ ଷ୍ଟେଶନ ଯାଉଥିବା ଲୋକଙ୍କ ଅନୁଭୂତି ଆହୁରି ଅଧିକ ଉନ୍ନତ ହେଲେ ଅଧିକ ଖୁସି ହେବି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ପୋଲିସ ଡିଜି ଅରୁଣ ଷଡ଼ଙ୍ଗୀ କହିଲେ, ୧୬ ବର୍ଷର ଦୀର୍ଘ ଯାତ୍ରାରେ କମିଶନରେଟ୍ ପୋଲିସ ବ୍ୟବସ୍ଥା ଅନେକ ଆହ୍ୱାନର ସମ୍ମୁଖୀନ ହୋଇଛି। ଏହି ଆହ୍ୱାନକୁ ମୁକାବିଲା କରି ଦେଶର ଅନ୍ୟତମ ଶ୍ରେଷ୍ଠ କମିଶନରେଟ୍ ପୋଲିସ ଭାବେ ନିଜକୁ ପ୍ରତିପାଦିତ କରିପାରିଛି। ଅପରାଧ ନିରାକରଣ, ଅପରାଧ ଅନୁସନ୍ଧାନ, ଦୋଷୀକୁ ନ୍ୟାୟିକ ଦଣ୍ଡ ଦେବା କ୍ଷେତ୍ରରେ କମିଶନରେଟ୍‌ପୋଲିସ ଆବଶ୍ୟକ ସଫଳତା ପାଇପାରିଛି। ଆଇନ ଶୃଙ୍ଖଳା ବ୍ୟବସ୍ଥା, ଭିଆଇପି ଭିଜିଟ୍, ଟ୍ରାଫିକ୍ ପରିଚାଳନା, ହକି ବିଶ୍ୱକପ୍ ଆଦିରେ କମିଶନରେଟ୍ ପୋଲିସ ତା’ର ପାରଦର୍ଶିତା ଦେଖାଇଛି। ଏଥିପାଇଁ କମିଶନରେଟ୍ ପୋଲିସର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଡିଜିପି ସାଧୁବାଦ ଜଣାଇଥିଲେ। ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ କହିଲେ, ଦେଶର ଶ୍ରେଷ୍ଠ ଭୁବନେଶ୍ୱର-କଟକ ପୋଲିସ କମିଶନରେଟ୍ ଅପରାଧ ଅନୁସନ୍ଧାନ ଓ ନିୟନ୍ତ୍ରଣ କ୍ଷେତ୍ରରେ ସଫଳତା ହାସଲ କରିଛି। ଆଗକୁ ଆହୁରି ଅଧିକ ଭଲ କାମ କରିବାକୁ ଶପଥ ନିଆଯାଇଥିବା ସେ କହିଛନ୍ତି।

### ଇ-ଆବେଦନ ଓ ୟୁନିଫାଇଡ୍ କମାଣ୍ଡ୍ ଆଣ୍ଡ୍ କଣ୍ଟ୍ରୋଲ ସେଣ୍ଟର ଆପ୍‌ର ଶୁଭାରମ୍ଭ

ଏହି ଅବସରରେ ୨୦୨୩ ପାଇଁ କମିଶନରେଟ୍ ପୋଲିସର ଶ୍ରେଷ୍ଠ ଏସିପି ଭାବେ ହିମାଂଶୁ ଭୂଷଣ ସ୍ୱାଇଁ, ଶ୍ରେଷ୍ଠ ଇନ୍ସପେକ୍ଟର ପ୍ରକାଶ ଚନ୍ଦ୍ର ମାଝି, ଶ୍ରେଷ୍ଠ ସବ୍-ଇନ୍ସପେକ୍ଟର ନିରଞ୍ଜନ ଭୋଇ, ଶ୍ରେଷ୍ଠ ହାବିଲଦାର ଲଳିତ କୁମାର ଦାସ, ଶ୍ରେଷ୍ଠ ମହିଳା ଟ୍ରାଫିକ୍ କନ୍‌ଷ୍ଟେବଲ ଶ୍ରାବଣିକା ପ୍ରଧାନ ଏବଂ ଶ୍ରେଷ୍ଠ ହୋମଗାର୍ଡ ସସ୍ମିତା ଦାସଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ପୋଲିସ କମିଶନର ବ୍ରିଜେଶ ରାଏ, ଭୁବନେଶ୍ୱର ଡିସିପି ପ୍ରତୀକ ସିଂ, କଟକ ଡିସିପି ପିନାକ ମିଶ୍ରଙ୍କ ସମେତ ୩ଶହରୁ ଊର୍ଦ୍ଧ୍ୱ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

# ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଲା, ଅନ୍ଧାରରେ ୧୦ ଗ୍ରାମ



ଉପୁଡ଼ି ପଡ଼ିଥିବା ବିଦ୍ୟୁତ୍ ଖୁଣ୍ଟ।

ଖୁଣ୍ଟୁଣୀ,୯।୧(ସଚ୍ଚିଦାନନ୍ଦ ପଣ୍ଡା)

୫୫ନଂ. ଜାତୀୟ ରାଜପଥର ଖୁଣ୍ଟୁଣୀ ବସ୍‌ଷ୍ଟାଣ୍ଡ ନିକଟ ରାସ୍ତାପାର୍ଶ୍ୱରେ ମଙ୍ଗଳବାର ପୁଣିଥରେ ଏକ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିପଡିଛି। ଏଥିଯୋଗୁ ପ୍ରାୟ ୧ ଘଣ୍ଟା ଧରି ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଏଥିସହ ପ୍ରାୟ ୧୦ଟି ଗ୍ରାମ ଅନ୍ଧାରରେ ରହିଛି।

ମିଳିଥିବା ସୂଚନା ଅନୁଯାୟୀ, ଖୁଣ୍ଟୁଣୀ ବସ୍‌ଷ୍ଟାଣ୍ଡ ନିକଟରୁ ଖୁଣ୍ଟୁଣୀ-କୁଲାଇଲୋକୁ ୧୧କେଭି ବିଦ୍ୟୁତ୍ ତାର ଜାତୀୟ ରାଜପଥ ଅତିକ୍ରମ କରିଛି। ଏବେ ସେଠାରେ ଏନ୍ଏଚ୍ଏଆଇ ପକ୍ଷରୁ ଓଭରବ୍ରିଜ୍ କାମ କାମ ଜାରି ରହିଛି। ଏଥିରେ ନିୟୋଜିତ ଏକ ପାଉଁଶ ବୋଝେଇ ହାଇୱା ଡାଲା ଉଠାଉଥିବାବେଳେ ୧୧ କେଭି ତାର ସଂସ୍ପର୍ଶରେ ଆସିବାରୁ ବିଦ୍ୟୁତ୍ ଖୁଣ୍ଟଟି ଭାଙ୍ଗି ରାସ୍ତା ଉପରେ ପଡିଥିଲା। ହେଲେ ସୌଭାଗ୍ୟବଶତଃ କାହାର କିଛି କ୍ଷତି ହୋଇନାହିଁ। ଖୁଣ୍ଟୁଣୀ ଟିପିସିଓଡିଏଲ ମ୍ୟାନେଜର ଭବାନୀ ଶଙ୍କର ମହନ୍ତ ଓ ବିଦ୍ୟୁତ୍ କର୍ମଚାରୀ ପହଞ୍ଚି ଲାଇନ କାଟିବା ସହ ରାସ୍ତାରୁ ଖୁଣ୍ଟ ହଟାଇବା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଅପରପକ୍ଷରେ ଘଟଣା ପରେ ବଜାର ଓ ଗ୍ରାମରୁ କେତେଜଣ ଉତ୍ତ୍ୟକ୍ତ ଲୋକେ ଆସିଯିବାରୁ ରାଜପଥରେ କାମ କରୁଥିବା କର୍ମଚାରୀ ପଳାଇ ଯାଇଥିଲେ। ବିଦ୍ୟୁତ୍ ବିଭ୍ରାଟ ଯୋଗୁ ରିପୋର୍ଟ ଲେଖାଯିବାବେଳକୁ ଡାଳଭାଗ, ଚମ୍ପିଆ, ଭୋଗରା, ତୋଟାପଡା, କୁଲାଇଲୋ, ମଥୁରାପୁର, ଗଡଉଝରି ସମେତ ୧୦ଟି ଗ୍ରାମ ଅନ୍ଧାରରେ ରହିଛି। ଟିପିସିଓଡିଏଲ ମ୍ୟାନେଜର ମହନ୍ତ କହିଛନ୍ତି, ରାସ୍ତାପାର୍ଶ୍ୱରୁ ବିଦ୍ୟୁତ୍ ଖୁଣ୍ଟ ହଟାଇବା ପରେ କାମ କରିବା ପାଇଁ ଠିକାଦାରଙ୍କୁ ବାରମ୍ବାର ଜଣାଇଛୁ। ହେଲେ ଆମ କଥାକୁ ସେ ଗୁରୁତ୍ୱ ଦେଉନାହାନ୍ତି। ଫଳରେ କେତେବେଳେ ଯେ ବଡଧରଣର ଅଘଟଣ ଘଟିବ ତାହା କହିହେବ ନାହିଁ। ବିଦ୍ୟୁତ୍ ବିଭ୍ରାଟ ଯୋଗୁ ଅନେକ ଗ୍ରାମବାସୀ ଅନ୍ଧାରରେ ରହିଥିବା ସେ କହିଛନ୍ତି। ସୂଚନାଯୋଗ୍ୟ, ଗତ ୩ ତାରିଖରେ ଖୁଣ୍ଟୁଣୀ ବସ୍‌ଷ୍ଟାଣ୍ଡ ନିକଟ ରାସ୍ତାପାର୍ଶ୍ୱରେ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ପଡିଥିଲା। ଏଥିଯୋଗୁ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହେବା ସହ ୭ଟି ଗ୍ରାମ ଅନ୍ଧାରରେ ରହିଥିଲା।

# ‘ସଚେତନ ହେଲେ ସଡ଼କ ସୁରକ୍ଷା ସମ୍ଭବ’



କାର୍ଯ୍ୟକ୍ରମରେ ଆଞ୍ଚଳିକ ପରିବହନ ଅଧିକାରୀ ଇଂ. ସଞ୍ଜୟ ବେହେରାଙ୍କୁ ରାଜେନ୍ଦ୍ର ମୋହନ ପଟ୍ଟନାୟକ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଉଛି।

କଟକ,୯।୧ (କାର୍ତ୍ତିକ ସାହୁ)

ରେଭେନ୍‌ଶା କଲିଜିଏଟ ସ୍କୁଲରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ବିଚାରପତି ଏ. ଏସ୍. ନାଇଡୁ ଯୋଗଦେଇ ସଚେତନ ହେଲେ ସଡ଼କ ସୁରକ୍ଷା ସମ୍ଭବ ବୋଲି କହିଥିଲେ।

ଏଥିରେ ସିଏମ୍‌ସି ମେୟର ସୁବାସ ସିଂ, ପରିବହନ ଆୟୁକ୍ତ ଅମିତାଭ ଠାକୁର, ଅବକାରୀ ଆୟୁକ୍ତ ନରସିଂହ ଭୋଳ, ସ୍ତମ୍ଭକାର ଡ. ସତ୍ୟ ରାୟ, ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ପ୍ରଗତି ପଣ୍ଡା, ତ୍ରିଧାରା ଅନୁଷ୍ଠାନ ସମ୍ପାଦକ ରଞ୍ଜନ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଜିଲା ପ୍ରଶାସନ ପକ୍ଷରୁ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଓ ତ୍ରିଧାରା ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଆଞ୍ଚଳିକ ପରିବହନ ଅଧିକାରୀ ଇଂ. ସଞ୍ଜୟ ବେହେରାଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ଏହି ଅବସରରେ ତ୍ରିଧାରା ଅନୁଷ୍ଠାନ ପକ୍ଷରୁ ଆଞ୍ଚଳିକ ପରିବହନ ଅଧିକାରୀ ଇଂ. ବେହେରାଙ୍କୁ ରାଜେନ୍ଦ୍ର ମୋହନ ପଟ୍ଟନାୟକ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା।

# ୩ ରାସ୍ତା ନିର୍ମାଣ ପାଇଁ ବ୍ୟୟ ହେବ ୧୦ କୋଟି

ମଙ୍ଗୁଳି-ଜଗତପୁର,୯।୧
(ମାନସ ସାମଲ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ବ୍ରହ୍ମପୁର ପଞ୍ଚାୟତସ୍ଥିତ ତାରିଣୀ ମନ୍ଦିରଠାରୁ ହନୁମାନ ଛକ, ବଡ ସାମନ୍ତରାପୁର ଗ୍ରାମଠାରୁ ନଈ ମାଳିଆ, ସର୍ଦ୍ଦାର ଖରିଦା ଗ୍ରାମଠାରୁ ଦୁଆନୀପାଟଣା ଗ୍ରାମ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ମଙ୍ଗଳବାର ଶିଳାନ୍ୟାସ କରାଯାଇଛି। ଏଥିସହ ଶଙ୍କରପୁର ବଜାରରେ ସରକାରୀ ହୋମିଓପାଥିକ ସ୍ୱାସ୍ଥ୍ୟକେନ୍ଦ୍ର ଗୃହ ନିର୍ମାଣ ପାଇଁ ଶିଳାନ୍ୟାସ ଓ ଶଙ୍କରପୁର ପଞ୍ଚାୟତସ୍ଥିତ ବଜାର ଗୃହ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ଉପରୋକ୍ତ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଥିଲେ। ୩ଟି ପ୍ରକଳ୍ପ ପାଇଁ ୧୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିବାବେଳେ ଆଗାମୀ ୬ ମାସ ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ପ୍ରତିନିଧି ସେକ୍ ସାହାଜାନ୍, ଜିଲା ପରିଷଦ ସଦସ୍ୟ ବିଶ୍ୱଜିତ୍ ପ୍ରଧାନ, ସରପଞ୍ଚ ବିଶ୍ୱଜିତ୍ ମାଝୀ, ପ୍ରମୋଦିନୀ ଖଟୁଆ, ପୂର୍ବତନ ସମିତିସଭ୍ୟ ରଞ୍ଜିତ ରାଉତ, ମଧୁସ୍ମିତା ସେଠୀ, ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ, ଠିକାଦାର ଉପସ୍ଥିତ ଥିଲେ।

# ଅଣସଙ୍ଗଠିତ ଧନ୍ଦାରେ ଲୋକେ ଆତ୍ମନିର୍ଭରଶୀଳ ହେବେ



### ପିଏମ୍ ବିଶ୍ୱକର୍ମା ସଚେତନତା ଆଲୋଚନାଚକ୍ର

କଟକ,୯।୧ (କାର୍ତ୍ତିକ ସାହୁ)

ବରଗଡ଼ ଜିଲା ପରିଷଦ ସଭାଗୃହରେ ପିଏମ୍ ବିଶ୍ୱକର୍ମା ଯୋଜନା ସମ୍ବନ୍ଧରେ ଏକ ସଚେତନତା ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ବରଗଡ଼ ଜିଲାପାଳ ମୋନିଷା ବାନାର୍ଜୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ପିଏମ୍ ବିଶ୍ୱକର୍ମା ଯୋଜନାରେ ଅଧିକରୁ ଅଧିକ କାରିଗର ନାମ ପଞ୍ଜୀକରଣ କରି ଯୋଜନାରୁ ଲାଭ ଉଠାଇବା ପାଇଁ ଆହ୍ୱାନ ଦେଇଥିଲେ। ଭାରତ ସରକାରଙ୍କ କଟକସ୍ଥିତ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟାଗ ବିକାଶ ଏବଂ ସୁବିଧା କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ପିଏମ୍ ବିଶ୍ୱକର୍ମା ଯୋଜନା ସମ୍ବନ୍ଧରେ ଲାଭାର୍ଥୀମାନଙ୍କୁ ସଚେତନ ଏବଂ ଆବେଦନ କରିବା ପାଇଁ ପ୍ରୋତ୍ସାହିତ କରିବା। ଉକ୍ତ ଯୋଜନାରେ ଅଣସଂଗଠିତ କ୍ଷେତ୍ରର ୧୮ଟି ଧନ୍ଦାରେ ଆତ୍ମନିର୍ଭରଶୀଳ ହୋଇ କାର୍ଯ୍ୟକ୍ରମ କରୁଥିବା ବିଭିନ୍ନ କାରିଗରଙ୍କୁ ପରିଚୟପତ୍ର, ପ୍ରଶିକ୍ଷଣ, ଆର୍ଥିକ ସହାୟତା, ବଜାର ବ୍ୟବସ୍ଥା, ଡିଜିଟାଲ କାରବାର ପାଇଁ ପ୍ରୋତ୍ସାହନ, ବିଜ୍ଞାପନ ସୁବିଧା ସମ୍ବନ୍ଧରେ ଅବଗତ କରାଇବା। ଏହି କାର୍ଯ୍ୟକ୍ରମରେ ବରଗଡ଼ ଜିଲାର ପ୍ରାୟ ୨୨୦ ଲାଭାର୍ଥୀ ଯୋଗଦେଇଥିଲେ। ଭାରତ ସରକାରଙ୍କ ଜନସେବା କେନ୍ଦ୍ରର ଜିଲା ପରିଚାଳକଙ୍କ ଦ୍ୱାରା ୩ଟି ପଞ୍ଜିକରଣ ଷ୍ଟଲ ଖୋଲାଯାଇଥିଲା। ଏଠାରେ ଲାଭାର୍ଥୀମାନେ ପଞ୍ଜିକରଣ କରି ଆବେଦନ କରିଥିଲେ। ଭାରତ ସରକାରଙ୍କ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିକାଶ କାର୍ଯ୍ୟାଳୟ କଟକର ସହ ନିର୍ଦ୍ଦେଶକ ଦୁର୍ଗା ଚରଣ ମିଶ୍ର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ପିଏମ୍ ବିଶ୍ୱକର୍ମା ଯୋଜନା ସମ୍ବନ୍ଧରେ ବିସ୍ତୃତ ଉପସ୍ଥାପନା କରିଥିଲେ। ଏଥିରେ ଅନ୍ୟତମ ଅତିଥି ଭାବେ ଜିଲା ଶିଳ୍ପକେନ୍ଦ୍ରର ସାଧାରଣ ପରିଚାଳକ ସୁଷମା କରାଲି, ଜିଲା ଅଗ୍ରଣୀ ବ୍ୟାଙ୍କର ପ୍ରବନ୍ଧକ ମହେଶ୍ୱର ସାହୁ, ହସ୍ତଶିଳ୍ପ ଉପନିର୍ଦ୍ଦେଶକ ଟ୍ୱିଙ୍କଲ ସୋରେନ, ଜନସେବା କେନ୍ଦ୍ରର ଜିଲା ପ୍ରବନ୍ଧକ ପ୍ରଫୁଲ୍ଲ ପାତ୍ର ଉଦବୋଧନ ଦେଇଥିଲେ।

# ନାବାଳିକା ଅପହରଣ ଅଭିଯୋଗ, ୩ ଗିରଫ

ଚୌଦ୍ୱାର,୯।୧(ଆଶୁତୋଷ ଦାସ)

ଚୌଦ୍ୱାର ଥାନା ଅନ୍ତର୍ଗତ ମଙ୍ଗରାଜପୁର ଗ୍ରାମର ଜଣେ ନାବାଳିକାଙ୍କୁ ଅପହରଣ କରିବା ଅଭିଯୋଗରେ ପୋଲିସ ୩ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସେହି ଗ୍ରାମର ବିକାଶ ମଲ୍ଲିକ, ହିମାଂଶୁ ପରିଡ଼ା ଓ ବିସ୍ମୟ ରାଉତ। ଉକ୍ତ ନାବାଳିକାଙ୍କୁ ଅପହରଣ କରାଯାଇଥିବା ନେଇ ତାଙ୍କ ବାପା ଗତ ୩୧ ତାରିଖରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା(ନଂ.୬୯୧/୨୩) ରୁଜୁ କରିଥିଲା। ଖବରପାଇ ଢେଙ୍କାନାଳ ଜିଲା ଭୁବନ ଅଞ୍ଚଳରୁ ନାବାଳିକାଙ୍କୁ ଉଦ୍ଧାର କରିବା ସହିତ ଅପହରଣର ମୁଖ୍ୟ ଅଭିଯୁକ୍ତ ବିକାଶଙ୍କୁ ଗିରଫ କରିଥିଲା। ପରେ ବିକାଶଙ୍କୁ ସହଯୋଗ କରିଥିବା ତାଙ୍କ ଦୁଇବନ୍ଧୁ ହିମାଂଶୁ ଓ ବିସ୍ମୟଙ୍କୁ ଗିରଫ କରାଯାଇଛି। ନାବାଳିକାଙ୍କୁ କଟକ ବସୁନ୍ଧରା ଆଶ୍ରମରେ ରଖାଯାଇଛି। ଏକ ତରଫା ପ୍ରେମରେ ବିଫଳ ହେବାରୁ ବିକାଶ ସମ୍ପୃକ୍ତା ନାବାଳିକାଙ୍କୁ ଅପହରଣ କରିଥିବା ଆଇଆଇସି ବିଶ୍ୱରଞ୍ଜନ ସାହୁ କହିଛନ୍ତି।

# ବଦଳି ଶିକ୍ଷକଙ୍କୁ ଫେରାଇ ଆଣିବା ଦାବିରେ ଧାରଣା

ଖୁଣ୍ଟୁଣୀ, ୯।୧(ସଚ୍ଚିଦାନନ୍ଦ ପଣ୍ଡା)



ଛାତ୍ରୀଛାତ୍ରମାନେ ସ୍କୁଲ ସମ୍ମୁଖରେ ଧାରଣାରେ ବସିଛନ୍ତି।

କଟକ ଜିଲା ଧବଳେଶ୍ୱର ସରକାରୀ ନୋଡାଲ ଉ.ପ୍ରା. ବିଦ୍ୟାଳୟରେ ଶିକ୍ଷାଦାନ କରୁଥିବା ଶିକ୍ଷକ ଆଶିଷ ମିଶ୍ରଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ତୁରନ୍ତ ତାଙ୍କୁ ସ୍କୁଲକୁ ଫେରାଇ ଆଣିବା ଦାବିରେ ଶତାଧିକ ଛାତ୍ରୀଛାତ୍ର ସ୍କୁଲ ସମ୍ମୁଖରେ ମଙ୍ଗଳବାର ଧାରଣାରେ ବସିଥିଲେ। ଖବରପାଇ ସ୍କୁଲ ଶିକ୍ଷା କମିଟି ସଭାପତି ଶଙ୍କର୍ଷଣ ସୁତାର, ମଞ୍ଚେଶ୍ୱର ସରପଞ୍ଚଙ୍କ ପ୍ରତିନିଧି ପ୍ରିୟବ୍ରତ ସାହୁ ଓ ଅଭିଭାବକମାନେ ସ୍କୁଲରେ ପହଞ୍ଚି ଆଠଗଡ଼ ବ୍ଲକ ଶିକ୍ଷା ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ପରେ ଛାତ୍ରୀଛାତ୍ରମାନଙ୍କୁ ବୁଝାଶୁଝା କରିବାରୁ ସେମାନେ ଧାରଣାରୁ ଉଠିଥିଲେ। ଉକ୍ତ ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୩୭ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସେମାନଙ୍କ ପାଇଁ ୪ ଜଣ ଶିକ୍ଷକ ଅଛନ୍ତି। ହେଲେ ସେଠାରେ ଥିବା ଶିକ୍ଷକ ଆଶିଷ ମିଶ୍ରଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ଏହାକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ତାଙ୍କୁ ଫେରାଇ ଆଣିବା ସହ ଅନ୍ୟ ଜଣେ ଶିକ୍ଷକଙ୍କୁ ନିଯୁକ୍ତି ଦେବା ପାଇଁ ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଆଠଗଡ଼ ବ୍ଲକ ଶିକ୍ଷାଧିକାରିଣୀ ବିଜୟଲକ୍ଷ୍ମୀ ସାମଲ କହିଛନ୍ତି, ବଦଳି ହୋଇଥିବା ଶିକ୍ଷକଙ୍କୁ ଉକ୍ତ ସ୍କୁଲକୁ ଫେରାଇ ଅଣାଯାଇପାରିବ ନାହିଁ। ସରକାର ନୂତନ ଶିକ୍ଷକ ନିଯୁକ୍ତ କଲେ ଉକ୍ତ ସ୍କୁଲକୁ ଜଣେ ଶିକ୍ଷକ ଦିଆଯିବା କଥା ବିଚାର କରାଯିବ।

# ନୟାଗଡ଼ର କୋଟିପତି ଏମ୍‌ଭିଆଇଙ୍କ ୩୧ ପ୍ଲଟ୍

ନୟାଗଡ଼,(ଲୋକନାଥ ମିଶ୍ର)/
ଭୁବନେଶ୍ୱର,୯।୧(ସତ୍ୟଜିତ୍ ରାଉତ)



ପଞ୍ଚାନନ ବେହେରା

ରାଜ୍ୟରେ ପୁଣି ଜଣେ କୋଟିପତି ସରକାରୀ ଅଧିକାରୀ ଭିଜିଲାନ୍ସ ଜାଲରେ ଧରାପଡ଼ିଛନ୍ତି। ସେ ହେଲେ ନୟାଗଡ଼ ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆର୍‌ଟିଓ)ରେ କାର୍ଯ୍ୟରତ ମୋଟର ଭେଇକିଲ୍ ଇନ୍ସପେକ୍ଟର (ଏମ୍‌ଭିଆଇ) ପଞ୍ଚାନନ ବେହେରା। ତାଙ୍କର ଭୁବନେଶ୍ୱରର ପ୍ରମୁଖ ଅଞ୍ଚଳରେ ୩୧ଟି ପ୍ଲଟ୍ ଠାବ ହେବା ପରେ ଏହାକୁ ନେଇ ଅଧିକ ଚର୍ଚ୍ଚା ଲାଗି ରହିଛି। ପଞ୍ଚାନନଙ୍କ ବିରୋଧରେ ବାରମ୍ବାର ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ଆସିଥିଲା। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ଦ୍ୱାରା ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ମଙ୍ଗଳବାର ଭିଜିଲାନ୍ସ ପକ୍ଷରୁ ପଞ୍ଚାନନଙ୍କ ଘର ସମେତ ଭୁବନେଶ୍ୱର, ଖୋର୍ଦ୍ଧା, କଟକ ଓ ନୟାଗଡ଼ର ୭ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଉଛି। ଏହି ଚଢ଼ାଉରେ ଭିଜିଲାନ୍ସର ୭ଟି ଟିମ୍‌ରେ ୬ଜଣ ଡିଏସ୍‌ପି, ୩ ଇନ୍ସପେକ୍ଟର, ୮ ଏଏସ୍‌ଆଇ ଓ ଅନ୍ୟ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଯାଞ୍ଚ ଜାରି ରହିଥିବା ସ୍ଥାନଗୁଡ଼ିକ ମଧ୍ୟରେ ପଞ୍ଚାନନଙ୍କ ନୟାଗଡ଼ସ୍ଥିତ ଭଡ଼ାଘର, କଟକ ଜିଲା ସାଲେପୁର ବାଲିପଡ଼ା ଗ୍ରାମସ୍ଥିତ ପୈତୃକ ଘର, ଖୋର୍ଦ୍ଧା ଜିଲା ନୀଳଗିରିପାଟଣା ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମସ୍ଥିତ ସମ୍ପର୍କୀୟଙ୍କ ଘର, ଭୁବନେଶ୍ୱର ସତ୍ୟବିହାରସ୍ଥିତ ଅନ୍ୟଜଣେ ସମ୍ପର୍କୀୟଙ୍କ ଘର ଓ ନୟାଗଡ଼ ଆର୍‌ଟିଓ ଅଫିସ୍ ଚାମ୍ବର ଆଦି ରହିଛି। ଏହି ଚଢ଼ାଉରେ ଭିଜିଲାନ୍ସ ଟିମ୍ ପଞ୍ଚାନନଙ୍କ ବହୁ କୋଟିର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରିଥିବା ସୂଚନା ମିଳିଛି।

### ଭିଜିଲାନ୍ସ ଜାଲରେ ଫସିଲେ, ୭ ସ୍ଥାନରେ ଚଢ଼ାଉ

- ଘରୁ ବାହାରିଲା ୧୫ ଲକ୍ଷ ଟଙ୍କା, ବିପୁଳ ସୁନା ଅଳଙ୍କାର
- ମିଳିଲାଣି ୫କୋଟି ଟଙ୍କାର ସମ୍ପତ୍ତି, ଚଢ଼ାଉ ଜାରି

ଭିଜିଲାନ୍ସ ପକ୍ଷରୁ ସନ୍ଧ୍ୟା ସୁଦ୍ଧା ମିଳିଥିବା ରିପୋର୍ଟ ଅନୁସାରେ, ପଞ୍ଚାନନଙ୍କ ଭୁବନେଶ୍ୱର ଶୈଳଶ୍ରୀ ବିହାରରେ ୩ ହଜାର ବର୍ଗଫୁଟରେ ଥିବା ଦୁଇ ମହଲା କୋଠା ଓ ପାଣ୍ଡରା ସତ୍ୟବିହାରସ୍ଥିତ ୨୪ଶହ ବର୍ଗଫୁଟ୍‌ରେ ଥିବା ଗୋଟିଏ ଏକ ମହଲା କୋଠା ଠାବ ହୋଇଛି। ତେବେ ଠାବ ହୋଇଥିବା ୩୧ଟି ପ୍ଲଟ୍‌ରୁ ୧୦ଟି ବେନାମି ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଏସବୁ ଫ୍ଲାଟ୍ ଓ ପ୍ଲଟଗୁଡ଼ିକର ପ୍ରକୃତ ମୂଲ୍ୟ ଜାଣିବାକୁ ଭିଜିଲାନ୍ସର ଟେକ୍ନିକାଲ ୱିଙ୍ଗ୍ ଅଧିକ ଯାଞ୍ଚ କରୁଛି। ସେହିପରି ପଞ୍ଚାନନଙ୍କ ନିକଟରୁ ୭୨.୮୦ ଲକ୍ଷ ଟଙ୍କାର ବ୍ୟାଙ୍କ ଓ ଜୀବନବୀମା ଜମା, ୧୫ ଲକ୍ଷର ନଗଦ ଟଙ୍କା, ସୁନା ଅଳଙ୍କାର ଓ ଘରୋଇ ସାମଗ୍ରୀ, ଗୋଟିଏ ଚାରିଚକିଆ ଯାନ ଓ ୩ଟି ବାଇକ ସମେତ ୪ ବେନାମି ଗାଡ଼ି ଠାବ ହୋଇଛି। ଅନ୍ୟପକ୍ଷରେ ପଞ୍ଚାନନ ତାଙ୍କ ପୁଅକୁ ଏମ୍‌ବିବିଏସ୍ ପଢ଼ାଇବା ପାଇଁ ୫୦ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ଠାବ ହୋଇଥିବା ସମ୍ପତ୍ତି ୫କୋଟିରୁ ଅଧିକ ହେବ ବୋଲି ଅନୁମାନ କରାଯାଉଛି। ସମ୍ପତ୍ତି ସଂକ୍ରାନ୍ତରେ ପଞ୍ଚାନନଙ୍କୁ ଅଧିକ ପଚରାଉଚରା କରାଯାଉଛି। ଚଢ଼ାଉ ଜାରି ରହିଥିବାରୁ ଆଗକୁ ଅଧିକ ସମ୍ପତ୍ତି ଠାବ ହୋଇପାରେ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ବୁଧବାର ପଞ୍ଚାନନଙ୍କ ବିରୋଧରେ ମାମଲା ରୁଜୁ କରି ଭିଜିଲାନ୍ସ ତାଙ୍କୁ ଗିରଫ କରିପାରେ ବୋଲି ସୂଚନା ମିଳିଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୯।୧।୨୦୨୪

| | |
|---|---|
| ୩,୮୪,୫୪୮ ଟଙ୍କା | |
| ସୁନା | .୦୬୦ ଗ୍ରାମ୍ |
| ରୁପା | ୧୪୯.୭୦୦ ଗ୍ରାମ୍ |

# ଏସ୍‌ସିଏସ୍ ମହାବିଦ୍ୟାଳୟରେ 'ନୂଆ-ଓ'

ପୁରୀ,୯।୧(ଅଜିତ୍ ମହାନ୍ତି)

ସାମନ୍ତ ଚନ୍ଦ୍ରଶେଖର(ଏସ୍‌ସିଏସ୍) ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଯୁବ ଓଡିଶା ନବୀନ ଓଡ଼ିଶା ଅନ୍ତର୍ଗତ 'ନୂଆ-ଓ' କାର୍ଯ୍ୟକ୍ରମର ପୁରସ୍କାର ବିତରଣ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ମିହିର ପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପାଇଁ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେବା ସହ ଛାତ୍ରୀଛାତ୍ରଙ୍କୁ କର୍ତ୍ତବ୍ୟନିଷ୍ଠ ଓ ପୁସ୍ତକ ପଠନ କରିବା ପାଇଁ ପରାମର୍ଶ ଦେଇଥିଲେ। ଓଡିଶା ସରକାର ଉଚ୍ଚଶିକ୍ଷାର ବିକାଶ ପାଇଁ ନେଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ମନ୍ତ୍ରୀ ସୂଚନା ପ୍ରଦାନ କରିବା ସହ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ଏହି 'ନୂଆ-ଓ' କାର୍ଯ୍ୟକ୍ରମ ଓଡ଼ିଶାରେ ଏକ ନମ୍ବର ଓ ଆକର୍ଷଣୀୟ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗ ଦେଇ ପୁରୀରେ ଚାଲିଥିବା ବିକାଶ କାର୍ଯ୍ୟକ୍ରମର ସୂଚନା ଦେବା ସହ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ବିକାଶ ପାଇଁ ସମସ୍ତେ ସହଯୋଗ କରିବେ ବୋଲି ମତ ପୋଷଣ କରିଥିଲେ। ଛାତ୍ରୀଛାତ୍ରମାନେ ଅଧ୍ୟୟନ ସହ କସରତ, କ୍ରୀଡ଼ାରେ ଭାଗ ନେଇ ସୁସ୍ଥ ରହିବା ପାଇଁ ପରାମର୍ଶ ଦେଇଥିଲେ। 'ନୂଆ-ଓ' କାର୍ଯ୍ୟକ୍ରମର ଜିଲାସ୍ତରୀୟ ନୋଡାଲ ଅଫିସର ଗୌରୀଶଙ୍କର ମଲ୍ଲିକ ଓ ମହାବିଦ୍ୟାଳୟର ନୋଡାଲ ଅଫିସର ଅଧ୍ୟାପିକା ସୁନନ୍ଦିନୀ ପାଣି କାର୍ଯ୍ୟକ୍ରମ ସମ୍ପର୍କିତ ବିବରଣୀ ପାଠ କରିଥିଲେ। ନଭେମ୍ବର ୧୬ତାରିଖରୁ ଆରମ୍ଭ ହୋଇଥିବା ସାଂସ୍କୃତିକ, ସାମାଜିକ ଓ କ୍ରୀଡ଼ାର ସମସ୍ତ କାର୍ଯ୍ୟକ୍ରମରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ଅତିଥି ମାନେ ପ୍ରଦାନ କରିଥିଲେ। ସଭାକାର୍ଯ୍ୟ ପରେ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ ସଂଗୀତ, ଡ୍ରାମା, ଓ ବାଦ୍ୟଯନ୍ତ୍ର ଆଦି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅନୁଷ୍ଠିତ ନୂଆ -ଓ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

## ଏସ୍‌ସିଏସ୍ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ କରାଯାଉ

ପୁରୀ,୯।୧(ଅଜିତ୍ ମହାନ୍ତି)

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟନ ଅବସରରେ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟକୁ ଏକକ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେବା ନିମନ୍ତେ ଅଭିନନ୍ଦନିକା ପକ୍ଷରୁ ଉଚ୍ଚ ଶିକ୍ଷାମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଓଡ଼ିଶାର ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବରେ ବିଶିଷ୍ଟ ଜ୍ୟୋତିର୍ବିତ୍ ସାମନ୍ତ ଚନ୍ଦ୍ରଶେଖରଙ୍କ ନାମରେ ୧୯୪୪ ରେ 'ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ' ପ୍ରତିଷ୍ଠା ହୋଇଥିଲା। ଏକଦା ରେଭେନ୍‌ଶା ସହ ସମକକ୍ଷ ଥିବା ଏହି ମହାବିଦ୍ୟାଳୟଟି ସରକାରୀ ଉଦାସୀନତା ଯୋଗୁଁ ବିଶ୍ୱବିଦ୍ୟାଳୟ ମାନ୍ୟତାରୁ ବଞ୍ଚିତ ହୋଇଛି। ୧୯୯୦ରେ ଏହି ମହାବିଦ୍ୟାଳୟକୁ ରାଜ୍ୟସରକାର ଅଗ୍ରଣୀ ମହାବିଦ୍ୟାଳୟ ଭାବେ ଘୋଷଣା କରିଥିଲେ। ସେହିପରି ୧୯୯୯ରେ ଏହା ସ୍ୱୟଂଶାସିତ ମାନ୍ୟତା ମଧ୍ୟ ଲାଭ କରିଥିଲା। ଉତ୍କଳ ବିଶ୍ୱବିଦ୍ୟାଳୟ ଦ୍ୱାରା ଅନୁବନ୍ଧିତ ଏହି ଅନୁଷ୍ଠାନ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଦ୍ୱାରା ଉତ୍କର୍ଷ କେନ୍ଦ୍ର ରୂପେ ମାନ୍ୟତା ପାଇଛି। ତେଣୁ ଆସନ୍ତା ୧୭ରେ ହେବାକୁଥିବା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଶୁଭ ଲୋକାର୍ପଣ ଅବସରରେ ଶ୍ରୀକ୍ଷେତ୍ର ପୁରୀର ପ୍ରମୁଖ ମଣିଷଗଡ଼ା କାରଖାନା ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେବାକୁ ଦାବି ହୋଇଛି। ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟରେ ରୂପାନ୍ତରିତ ହେବା ପାଇଁ ଆଗ୍ରହ ପ୍ରକାଶ ପାଇଛି ଓ ସରକାର ବିଦ୍ୟାର୍ଥୀମାନଙ୍କ ମନୋଭାବକୁ ଗ୍ରହଣ କରି ଏହିଘୋଷଣା କରିବା ପାଇଁ ଅଭିନନ୍ଦନିକାର ପ୍ରତିଷ୍ଠାତା ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି ଦାବିପତ୍ର ପ୍ରଦାନ କରିଛନ୍ତି।

## ସଂକ୍ଷେପରେ

### ୧୫ରୁ ୧୮ତାରିଖ ପର୍ଯ୍ୟନ୍ତ ପୁରୀରେ ମଦ ବନ୍ଦ କରାଯାଉ

ପୁରୀ,୯।୧(ଅଜିତ୍ ମହାନ୍ତି)

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ଆସନ୍ତା ୧୭ତାରିଖରେ ଅନୁଷ୍ଠିତ ହେବାକୁ ଯାଉଛି। ୧୫ତାରିଖରୁ ହୋମ ଯଜ୍ଞ ଆରମ୍ଭ ହେବ ତେଣୁ ସହର ତଥା ସହରକୁ ସଂଯୋଗ କରୁଥିବା ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହେବ। ସେଥିପାଇଁ ଆସନ୍ତା ୧୫ତାରିଖରୁ ୧୮ତାରିଖ ପର୍ଯ୍ୟନ୍ତ ପୁରୀ ସହର ତଥା ଆଖପାଖ ଅଞ୍ଚଳରେ ମଦଦୋକାନ ବନ୍ଦ କରାଯାଉ ବୋଲି ମିଳିତ ଓଡିଶା ନିଶାନିବାରଣ ଅଭିଯାନର ସଭାପତି ତଥା ପୂର୍ବତନ ବିଧାୟକ ପଦ୍ମଚରଣ ନାୟକ ଦାବି କରିଛନ୍ତି। ଅଭିଯାନ ସଦସ୍ୟ ରାଜେନ୍ଦ୍ର ମହାନ୍ତି, ଶିବରାମ ପ୍ରଧାନ, ଶ୍ୟାମାକାହ୍ନା ପଟ୍ଟନାୟକ, ସାମ୍ବାଦିକ ମଧୁସୂଦନ ମିଶ୍ର ଜିଲାପାଳଙ୍କ କାର୍ଯ୍ୟାଳୟ ଯାଇ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁଙ୍କୁ ଏନେଇ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

### ୮ମ ଛାତ୍ରଙ୍କ ମୃତଦେହ ଜବତ

ଗୋପ,୯।୧ (ଭାରତୀ ଭୂଷଣ ଉପାଧ୍ୟାୟ):

ଗୋପ ବ୍ଲକ ଅଧୀନ ବଡ଼ତରା ପଞ୍ଚାୟତ ବଡ଼ତରା ଗ୍ରାମର ଜଣେ ୮ମ ଶ୍ରେଣୀ ଛାତ୍ରଙ୍କ ମୃତଦେହ ମଙ୍ଗଳବାର ତାଙ୍କ ଘରୁ ଜବତ ହୋଇଛି। ମୃତକ ହେଲେ ବିଶ୍ୱଜିତ୍ ସ୍ୱାଇଁ(୧୪)। ଛାତ୍ରଙ୍କ ମା'ଙ୍କ ଅଭିଯୋଗ କ୍ରମେ ପୋଲିସ ୧/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ଏହି ଛାତ୍ର ଜଣଙ୍କ ମଙ୍ଗଳବାର ବିଦ୍ୟାଳୟକୁ ପାଠ ପଢ଼ିବା ଲାଗି ନ ଯାଇ ଘରେ ଥିଲେ। ତାଙ୍କ ବାପା ବାହାରକୁ କାମ କରିବାକୁ ଯାଇଥିବାବେଳେ ମା' ଧାନ ଶୁଖାଇ ଘରକୁ ଆସିବା ପରେ ଘର ଭିତରେ ତାଙ୍କୁ ଏକ ଗାମୁଛାରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ପରେ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ତେବେ ମୃତ୍ୟୁର କାରଣ ଜଣାପଡ଼ିନାହିଁ।

## ବିଶ୍ୱ ଏସିଡିଟି ଦିବସରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକାକଳା

ପୁରୀ,୯।୧(ଅଜିତ୍ ମହାନ୍ତି):

ବିଶ୍ୱ ଏସିଡିଟି(ଅମ୍ଳଦୋଷ) ଦିବସ ଉପଲକ୍ଷେ ପୁରୀ ବେଳାଭୂମିରେ ବାଲୁକା କଳାରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ସଚେତନତା ବାର୍ତ୍ତା ଦେଇଛନ୍ତି। ଡକ୍ଟର ରେଡିସ୍, ଦେଶର ୫୦ ହଜାରରୁ ଅଧିକ ଡାକ୍ତର ଏବଂ ଆସୋସିଏଶନ ଅଫ୍ ଫିଜିସିଆନ ଅଫ୍ ଇଣ୍ଡିଆର ମିଳିତ ଆନୁକୂଲ୍ୟରେ ଏହି ବାଲୁକା କଳା ପ୍ରସ୍ତୁତ ହୋଇଛି। ଏହି ବାଲୁକା କଳା ମାଧ୍ୟମରେ ଏସିଡିଟି ସମ୍ପର୍କରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଛି। ତେବେ ବର୍ତ୍ତମାନ ଲୋକଙ୍କ ପରିବର୍ତ୍ତିତ ଜୀବନଶୈଳୀ ଯୋଗୁ ଏସିଡିଟି ଏକ ବଡ଼ ସ୍ୱାସ୍ଥ୍ୟ ସମସ୍ୟା ଭାବେ ଉଭା ହୋଇଛି। ଏସିଡିଟିର ଆବିଷ୍କାର କରିଥିବା ଡା. ସୋରେନ ସେନଙ୍କ ଜୟନ୍ତୀରେ ତାଙ୍କ ଅବଦାନକୁ ମନେପକାଇବା ଲାଗି ବିଶ୍ୱ ଏସିଡିଟି ଦିବସ ପାଳନ କରାଯାଉଛି। ଏହି ଅବସରରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ କହିଛନ୍ତି, ଭାରତରେ ପ୍ରତ୍ୟେକ ଲୋକ ଦୈନନ୍ଦିନ ଜୀବନରେ ଏସିଡିଟିର ସମ୍ମୁଖୀନ ହୋଇଥାନ୍ତି। ଏହା ଏକ ବଡ଼ ସମସ୍ୟା ହୋଇଥିଲେ ମଧ୍ୟ ତାହାକୁ ନେଇ ଏତେଟା ଚର୍ଚ୍ଚା ହେଉନାହିଁ। ପ୍ରଥମଥର ପାଇଁ ଚଳିତ ବର୍ଷ ଜାନୁଆରୀ ୯ରେ ଆରମ୍ଭ କରାଯାଇଥିବା ବିଶ୍ୱ ଏସିଡିଟି ଦିବସକୁ ପାଳନ କରିବା ପରିପ୍ରେକ୍ଷୀରେ ପ୍ରସ୍ତୁତ ଏହି ଏସିଡିଟି ଚିହ୍ନ ସମାଜର ଏକ ବୃହତ ବର୍ଗର ଲୋକଙ୍କୁ ପ୍ରଭାବିତ କରିବ ବୋଲି ପଟ୍ଟନାୟକ କହିଛନ୍ତି।



ୱାର୍ଲ୍ଡ ଏସିଡିଟି ଡେ' ଅବସରରେ ମଙ୍ଗଳବାର ବାଲୁକାଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକାକଳା ନିକଟରେ ଉପସ୍ଥିତ ଅତିଥିବୃନ୍ଦ ।

## ଜିପିଓଙ୍କୁ ଦଉଡ଼ିରେ ବାନ୍ଧିଲେ ସମିତି ସଭ୍ୟା

- ଜୟ ଜଗନ୍ନାଥ ଅର୍ପଣ ରଥକୁ ନେଇ ବିବାଦ
- ରଥ ସମ୍ମୁଖରେ ଧାରଣା ଦେଲେ

ଗୋପ,୯।୧(ଭାରତୀ ଭୂଷଣ ଉପାଧ୍ୟାୟ):

କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ନିର୍ବାଚନମଣ୍ଡଳୀ ତଥା ଗୋପ ବ୍ଲକ ବନାଖଣ୍ଡି ପଞ୍ଚାୟତ ମାଙ୍କଡ଼ ଗୋରୋଡ଼ି ଗାଁ ନିକଟରେ ଜୟ ଜଗନ୍ନାଥ ଅର୍ପଣ ରଥ ଉଦ୍‌ଘାଟନ ସମୟରେ ମଙ୍ଗଳବାର ବିବାଦ ଦେଖାଦେଇଥିଲା। ପଞ୍ଚାୟତ ସମିତି ସଭ୍ୟା ଭାରତୀ ମଲ୍ଲିକଙ୍କୁ ପ୍ରଶାସନିକସ୍ତରରେ ଡକା ନ ଯିବାରୁ ସେ ଉଦ୍‌ଘାଟନ ସ୍ଥଳରେ ପହଞ୍ଚି ଗ୍ରାମ ପଞ୍ଚାୟତ ଅଧିକାରୀ(ଜିପିଓ) ମନଦୀପ୍ ଶତପଥୀଙ୍କୁ ଏକ ଦଉଡ଼ିରେ ବାନ୍ଧିବା ସହିତ ରଥ ସମ୍ମୁଖରେ ଧାରଣା ଦେଇଥିଲେ। ସରପଞ୍ଚ ଓ ଉପସ୍ଥିତ ଜିଲା ପରିଷଦ ସଭ୍ୟ ପୁଷ୍ପାରାଣୀ ସ୍ୱାଇଁ ସମିତି ସଭ୍ୟାଙ୍କୁ ବୁଝାଶୁଝା କରିବା ପରେ ଘଟଣା ଶାନ୍ତ ପଡ଼ିଥିଲା। ଫଳରେ ଦୀର୍ଘ ୨/୩ ଘଣ୍ଟା ବିଳମ୍ବରେ ଏହି ଅର୍ପଣ ରଥ ବାହାରିଥିଲା।

ପ୍ରକାଶ ଯେ, କିଛି ଦିନ ଧରି ଗୋପ ବ୍ଲକର ୩୧ ପଞ୍ଚାୟତର ସମିତି ସଭ୍ୟାସଭ୍ୟଙ୍କୁ କୌଣସି ସରକାରୀ କାର୍ଯ୍ୟରେ ସମ୍ପୃକ୍ତ କରା ନ ଯିବାରୁ ବିବାଦ ଲାଗି ରହିଛି। ଏପରିକି ସଭ୍ୟାସଭ୍ୟ ସମିତି ବୈଠକକୁ ଆସିବେ ନାହିଁ ବୋଲି ରୋକ୍‌ଠୋକ୍ ଭାବେ ମନା କରିବାରୁ ସମିତି ବୈଠକ ହୋଇପାରୁନାହିଁ। ବିଭିନ୍ନ ଯୋଜନାର କାମକୁ ସମିତି ବୈଠକ ମଞ୍ଜୁରୀ କାଗଜରେ ପଛରେ ଯୋଡ଼ାଯାଇ ଅର୍ଥ ହଡ଼ପ ହେବା ଭଳି ଅଭିଯୋଗ ସହିତ ଅନ୍ୟାନ୍ୟ ଦାବି ଗ୍ରହଣ କରା ନ ଯିବା ଏହାର ମୁଖ୍ୟ କାରଣ ରହିଛି। ଅର୍ପଣ ରଥ ଲାଗି ଆସିଥିବା ଅର୍ଥ ହଡ଼ପ ଉଦ୍ୟମ କରାଯାଇଥିବା ସମିତି ସଭ୍ୟାସଭ୍ୟ ଅଭିଯୋଗ ଆଣିଛନ୍ତି। ଅପରାହ୍ନରେ ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକ, ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକଙ୍କ ସହିତ ୧୫ରୁ ଉର୍ଦ୍ଧ୍ୱ ସମିତି ସଭ୍ୟାସଭ୍ୟଙ୍କ ଉପସ୍ଥିତିରେ ଗୋଟିଏ ଖବରଦାତା ସମ୍ମିଳନୀରେ ଏପରି ସବୁ ଅଭିଯୋଗ ହୋଇଛି। ସମସ୍ୟା ସ୍ଥାୟୀ ସମାଧାନ କରା ନ ଗଲେ ଆଗାମୀ ଦିନରେ ଗୋପ ବ୍ଲକକୁ ଅଚଳ କରିବା ସହିତ ରାଜରାସ୍ତାରେ ଧାରଣା ଦେବେ ବୋଲି ସମିତି ସଭ୍ୟାସଭ୍ୟ କହିଛନ୍ତି। ଏହି ଅଭିଯୋଗକୁ ନେଇ ବିଡିଓ ଛବିରାଣୀ ସାହୁଙ୍କୁ ପଚାରିବାରେ, ଅଭିଯୋଗ ଉପରେ ଗୁରୁତ୍ୱ ଦିଆଯାଇ ସମାଧାନ ପାଇଁ ଉଦ୍ୟମ ଜାରି ରହିଥିବା କହିଥିଲେ।



## ଅଧ୍ୟାପକଙ୍କ ନାମରେ ଅଭିଯୋଗ

ପୁରୀ,୯।୧(ଅଜିତ୍ ମହାନ୍ତି):

ପୁରୀ ସରକାରୀ ମହିଳା ମହାବିଦ୍ୟାଳୟରେ କାର୍ଯ୍ୟ କରୁଥିବା ଜଣେ ଇଂରାଜୀ ଅଧ୍ୟାପକ ଶ୍ରେଣୀଗୃହରେ ଛାତ୍ରୀଙ୍କୁ ପାଠ ନ ପଢ଼ାଇ ଅନ୍ୟ ବିଷୟରେ ଆଲୋଚନା କରୁଥିବା ନେଇ ଛାତ୍ରୀମାନେ ଅଭିଯୋଗ ଆଣିଛନ୍ତି। ମହାବିଦ୍ୟାଳୟର ଯୁକ୍ତ ୩ର ଛାତ୍ରୀଙ୍କ ଅଭିଯୋଗ ଅନୁସାରେ, 'ଇଂରାଜୀ ବିଭାଗର ମୁଖ୍ୟ କ୍ଲାସ୍‌ରୁମ ମଧ୍ୟରେ ପାଠପଢ଼ା ଛାଡ଼ି ପିଲାଙ୍କୁ ନିଜ ବିଷୟରେ ଓ ଅନାବଶ୍ୟକ ପ୍ରସଙ୍ଗରେ ଅଧ୍ୟାପକ ଆଲୋଚନା କରୁଛନ୍ତି। ଛାତ୍ରୀମାନେ କିପରି ଦେଖାଯିବା ଦରକାର, କାହିଁକି ସ୍ମାର୍ଟ ହେଉନାହାନ୍ତି, ନିଜର ବୟସ କେତେ। ଏଭଳି ଅନେକ ଅନାବଶ୍ୟକ କଥା କ୍ଲାସ୍‌ରୁମରେ ପିଲାଙ୍କୁ ପଚାରୁଥିବା ନେଇ ଅଭିଯୋଗ ହୋଇଛି। ବିଭିନ୍ନ କ୍ଲାସ୍‌ରୁମରେ ଛାତ୍ରୀଙ୍କୁ ବିଭିନ୍ନ କଥା କହୁଥିବା ମଧ୍ୟ ଅଭିଯୋଗ ହୋଇଛି। ଯେପରି ଶାଶୁ ଘର ଲୋକ ଦେଖିବାକୁ ଆସିଲେଣି କି ନାହିଁ, ଭାତ ରନ୍ଧା ଜାଣିଛ କି ନାହିଁ, ଟିଭିରେ କେଉଁ ହିରୋଇନର ଗୀତ ଦେଖିକି ଆସିଛ ଇତ୍ୟାଦି। 'ମୋ ସାଙ୍ଗେ ପଙ୍ଗା ନେଲେ ପୋଛି ଦେବି ତୁମମାନଙ୍କୁ' ବୋଲି ଅଧ୍ୟାପକ ଛାତ୍ରୀଙ୍କୁ କହିଥିବା ନେଇ ମହାବିଦ୍ୟାଳୟ ଅଧ୍ୟକ୍ଷାଙ୍କୁ ଅଭିଯୋଗ କରିଛନ୍ତି।

## ଗ୍ଲୋରିଫେଷ୍ଟ-୨୦୨୪ ଉଦ୍‌ଘାଟିତ



ପୁରୀ,୯।୧(ଅଜିତ୍ ମହାନ୍ତି):

ଯୁବ ସାଂସ୍କୃତିକ ଅନୁଷ୍ଠାନ ଜାତୀୟ ଯୁବ ସମନ୍ୱିତ କେନ୍ଦ୍ର ଆନୁକୂଲ୍ୟରେ ଆୟୋଜିତ ୪ ଦିନିଆ ଗ୍ଲୋରି ଫେଷ୍ଟ-୨୦୨୪ ମହା ସମାରୋହରେ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୁରୀ ସଦର ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନରେ ଆର୍ଟର କି ଖୋଜ, ବକ୍ତୃତା, ଗ୍ରୁପ୍ ଡିସକଶନ ଓ ରେକର୍ଡ ଡ୍ୟାନ୍ସ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ରାଜ୍ୟ ଓ ଦେଶର ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟରୁ ଆସିଥିବା ୨୭୫ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଛନ୍ତି। ତିରୁପତି ବିଶ୍ୱବିଦ୍ୟାଳୟ, ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ, ଏସ୍‌ସିଏସ୍ ସ୍ୱୟଂଶାସିତ ମହାବିଦ୍ୟାଳୟ, ଜି.ଏମ୍ ଆଇନ ମହାବିଦ୍ୟାଳୟ, କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସଦାଶିବ କ୍ୟାମ୍ପସ, ହାଇଟେକ୍ କଲେଜ ଅଫ୍ ନର୍ସିଂ, ହାଇଟେକ୍ ସ୍କୁଲ୍ ଅଫ ନର୍ସିଂ, ରେଭେନ୍ସା ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦେଇଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ସଦାଶିବ କ୍ୟାମ୍ପସର ଛାତ୍ରୀଛାତ୍ରଙ୍କ ରଙ୍ଗାରଙ୍ଗ ରେକର୍ଡ ଡ୍ୟାନ୍ସରେ ଦର୍ଶକ ଝୁମିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର ହରେକୃଷ୍ଣ ଶତପଥୀ, କାର୍ଯ୍ୟକାରୀ ଅଧ୍ୟକ୍ଷ ରାଜେଶ ମହାନ୍ତି, ଉପାଧ୍ୟକ୍ଷ ରାକେଶ ସାମଲ, ବିଦ୍ରୋହ କେଶରୀ ସିଂ, ପୂର୍ଣ୍ଣେନ୍ଦୁ ପଟ୍ଟନାୟକ, ଯୁଗ୍ମ ସହ କାର୍ଯ୍ୟକାରୀ ଅଧ୍ୟକ୍ଷ ସଂଗ୍ରାମ କେଶରୀ କାନୁନ୍‌ଗୋ, ହରପ୍ରସାଦ ବିଶ୍ୱାଳ, ସାଧାରଣ ସମ୍ପାଦକ ଦେବେନ୍ଦ୍ର ପ୍ରସାଦ ମହାପାତ୍ର, କୋଷାଧ୍ୟକ୍ଷ ଜଗମୋହନ ଚୌଧୁରୀ, ସାଙ୍ଗଠନିକ ସମ୍ପାଦକ ସୌମ୍ୟ ରଞ୍ଜନ ମିଶ୍ର, ସାଂସ୍କୃତିକ ସମ୍ପାଦକ ଦାମୋଦର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

## ୬୦୧ ଦେଲେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା

ଅସ୍ତରଙ୍ଗ,୯।୧(ପ୍ରଦୀପ୍ତ ଦୀକ୍ଷିତ):

ପୁରୀ ଜିଲା ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନ ୩ଟି ପରୀକ୍ଷାକେନ୍ଦ୍ରରେ ଓଡ଼ିଶା ଆଦର୍ଶବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକରେ ମୋଟ ୬୦୧ ଜଣ ପରୀକ୍ଷାର୍ଥୀ ଏହି ପରୀକ୍ଷା ଦେଇଛନ୍ତି। ସୂଚନା ମୁତାବକ, ଅସ୍ତରଙ୍ଗ ବ୍ଲକ ଅଧୀନ ୩ଟି ଉଚ୍ଚ ବିଦ୍ୟାଳୟରେ ସକାଳ ୯ଟାରୁ ୧୧ଟା ପର୍ଯ୍ୟନ୍ତ ଏହି ପରୀକ୍ଷା ହୋଇଥିଲା। ୩ଟି ପରୀକ୍ଷାକେନ୍ଦ୍ର ମଧ୍ୟରେ ଅସ୍ତରଙ୍ଗ ଉଚ୍ଚ ବିଦ୍ୟାଳୟରେ ୨୧୧ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୦୪ଜଣ, ପାଟଳଦା ଉଚ୍ଚ ବିଦ୍ୟାଳୟରେ ୨୦୦ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୯୯ଜଣ, ଐଶାନେଶ୍ୱର ବିଦ୍ୟାପୀଠ ଅଠଚିରାରେ ୨୦୦ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୯୮ଜଣ ଉପସ୍ଥିତ ଥିଲେ। ଏହି ୩ଟି କେନ୍ଦ୍ର ଅତିରିକ୍ତ ଶିକ୍ଷାଧିକାରିଣୀ ମମତା ମଞ୍ଜରୀ ଦେଇ, ପ୍ରଧାନ ଶିକ୍ଷକ ପ୍ରକାଶଚନ୍ଦ୍ର ବେହେରା, ବିଷ୍ଣୁଚରଣ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।


ଖଲିକୋଟଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କଳିଙ୍ଗ ବଡି ବିଲ୍ଡିଂ ଚାମ୍ପିୟନଶିପରେ ପୁରସ୍କୃତ ହୋଇଥିବା ପୁରୀର ବଡି ବିଲ୍‌ଡରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

## ଫାଇନାଲରେ ମାଷ୍ଟର କ୍ଲବ୍ କଟକ

ନିମାପଡ଼ା,୯।୧ (ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ):

ନିମାପଡ଼ା ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ବାରବାଟୀ ପଡ଼ିଆରେ ଆୟୋଜିତ ୨୮ତମ ନିମାପଡ଼ା କପ୍ କ୍ରିକେଟ ଟୁର୍ନାମେଣ୍ଟ ତଥା ୧୨ତମ କିଶୋର ପଣ୍ଡା ସ୍ମାରକୀ କ୍ରିକେଟ୍ ପ୍ରତିଯୋଗିତା ମଙ୍ଗଳବାର ପ୍ରଥମ ସେମିଫାଇନାଲ ଅନୁଷ୍ଠିତ ହୋଇଯାଇଛି। ଜୟଦେବ ସ୍ପୋର୍ଟିଂ ଭୁବନେଶ୍ୱରକୁ ୫୭ ରନ୍‌ରେ ହରାଇ ମାଷ୍ଟର କ୍ଲବ କଟକ ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ମାଷ୍ଟର କ୍ଲବ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରେ ୨୭୧ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଶୁଭମ ସାହୁ ସର୍ବାଧିକ ୭୦ ରନ୍, ଓ ଅଶ୍ୱିନୀ ଖଟୋଇ ୬୩ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ରାଜଦୀପ ଆର୍ ଦାସ ଓ ପବିତ୍ର ବରାଳ ଉଭୟ ୨ଟି ଲେଖାଏଁ ଉଇକେଟ୍ ନେଇଥିଲେ। ଦ୍ୱିତୀୟାର୍ଦ୍ଧ ମ୍ୟାଚ୍‌ରେ ଜୟଦେବ ସ୍ପୋର୍ଟିଂ ବ୍ୟାଟିଂ କରି ୨୭.୧ ଓଭରରେ ୨୧୪ ରନ୍ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ସୌମ୍ୟ ରଞ୍ଜନ ରାଉତ ସର୍ବାଧିକ ୫୬ ରନ୍, ଆଶୁତୋଷ ସାହୁ ୫୩ ରନ୍ ସଂଗ୍ରହ କରିଥିଲେ। ମାଷ୍ଟର କ୍ଲବର ବୋଲର ଶୁଭମ ସାହୁ ଏବଂ ସନ୍ତୋଷ ସେଠୀ ୩ଟି ଲେଖାଏଁ ଉଇକେଟ୍ ନେଇଥିଲେ। ଅମ୍ପାୟାର ଭାବେ ନିର୍ମଳ ମିଶ୍ର ଓ ଅଭିନନ୍ଦନ ପାତ୍ର ମ୍ୟାଚ ପରିଚାଳନା କରିଥିଲେ। ଜ୍ୟୋତିରଞ୍ଜନ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। ମାଷ୍ଟର କ୍ଲବ କଟକର ଖେଳାଳି ଅଶ୍ୱିନୀ ଖଟୋଇ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ ହୋଇଥିଲେ। ଅତିଥି ଭାବେ ବିଶିଷ୍ଟ କ୍ରୀଡ଼ାବିତ୍ ମହେନ୍ଦ୍ର ସିଂ ଭାଟିଆ, ତାପସ ଦାସ, ସାମାଜିକ କର୍ମୀ ଗୋପବନ୍ଧୁ ପଣ୍ଡା, କ୍ରିକେଟ୍ ସମ୍ପାଦକ ଅକ୍ଷୟ ବେହେରା, ଶିକ୍ଷାବିତ୍ ନିର୍ମଳ ମିଶ୍ର, କ୍ରୀଡ଼ାବିତ୍ ଅଭିନନ୍ଦନ ପାତ୍ର ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ବୁଧବାର କ୍ୱାର୍ଟର ଫାଇନାଲ ମ୍ୟାଚରେ ବିଶ୍ୱ ଭାରତୀ କ୍ଲବ କଟକ, ନିମାପଡ଼ା ଆଥଲେଟିକ୍ ଆସୋସିଏଶନ ପରସ୍ପରକୁ ଭେଟିବେ।



ଅତିଥିମାନେ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରିଛନ୍ତି।

